TRACK - 1


ଏସ୍. ଡାନିଏଲ ସମ୍ପଥ କୁମାର,
ଘର ନଂ- 147, ଥିରୁନିଲାଇ କଲୋନୀ,
ଭିଚୁର୍ (ପୋଷ୍ଟ ), ଚେନ୍ନାଇ, ପିନ୍- 6000103






**S.DANIEL SAMPATH KUMAR**
*No. 147, Thirunilai colony ,*
*vichoor post , chennai - 600 103*
*E-Mail : sdanielsampathkumar@gmail.com*
*Website : danielendtimebooksministry.org*
*Phone No :* 99419 74213 , 96001 71260


ORIYA

# The Spoken Word

by

*WILLIAM MARRION BRANHAM*

## ମୂଳ ପାପ

(The Original Sin)

## ଆତ୍ମାଙ୍କର ରବ

(The Voice of The Spirit)

କଥିତ ବାକ୍ୟ ହିଁ ମୂଳ ବୀଜ ଅଟେ

ବିବେଚିତ ହେବୁ । ଆଉ ଆମ୍ଭେମାନେ ତାଙ୍କପରି ହେବୁ । ଏହା ହିଁ ବିଜୟୀଗଣଙ୍କର ଅଂଶଟି ଅଟେ ଯେଉଁମାନେ କି ମେଷଶାବକଙ୍କ ରକ୍ତରେ ବିଜୟୀ ହୋଇ ଅଛନ୍ତି ଆଉ ଯୀଶୁ ଖ୍ରୀଷ୍ଟଙ୍କ ବାକ୍ୟର ସାକ୍ଷ୍ୟ ଦ୍ୱାରା ମଧ୍ୟ ଜୟଯୁକ୍ତ ହୋଇଛନ୍ତି ।

ସେହି ଦିନଟିର ନିମନ୍ତେ ଆମ୍ଭେମାନେ କିପରି ଆଶା ଲଗାଇ ରହିଥାଉ ଯେଉଁଦିନ ବକ୍ରମାର୍ଗଗୁଡକ ସଳଖ କରହେବ, ଆଉ ଆମ୍ଭେମାନେ ତାଂକ ସହିତରେ ରହିବୁ, ଚିରକାଳ ନିମନ୍ତେ ରହିବୁ । ସେହି ଦିନଟି ଅତିଶୀଘ୍ର ଆଗମନ କରୁ, ଆଉ ତାଂକର ବାକ୍ୟକୁ ମାନିବା ନିମନ୍ତେ ଆମ୍ଭେମାନେ ଯଥାଶୀଘ୍ର ଆଗ୍ରହୀ ହେଉଁ, ଆଉତାଂକର ଗୌରବ ସହିତ ସହଭାଗୀ ହେବାକୁ ଆମ୍ଭେମାନେ ଆପଣାମାନଂକର ସାକ୍ଷ୍ୟଦାନଗୁଡିକୁ ତଦ୍ୱାର ପ୍ରମାଣିତ କରିବାକୁ ଯଥାଶୀଘ୍ର ପ୍ରୟାସ କରୁ ।

"ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି ସେ ତାହା ଶୁଣୁ" । ଏହା କିପରି ବିଶାଦପୂର୍ଣ୍ଣ ବିଷୟ ଅଟେ ଯେ ସେହି ସର୍ବପ୍ରଥମ ଯୁଗଟି ଆତ୍ମାଂକର ରବକୁ ଶୁଣି ନ ଥିଲା । ଏହାର ପରିବର୍ତ୍ତେ ସେ ମନୁଷ୍ୟମାନଂକର ଶ୍ରବଣ କରିଥିଲା । ତଥାପି ଈଶ୍ୱରଙ୍କୁ ଧନ୍ୟବାଦ ଦେଉ ଯେ, ଉତ୍ଥାପିତ ହେବା ନିମନ୍ତେ ଏକ ଦଳ ଏହି ଯୁଗାନ୍ତ ସମୟରେ ପରିଚୟକୁ ଆସିବ, ଯୁଗାନ୍ତ ସମୟର ଯୋଗ୍ୟ କନ୍ୟାଟି, ଆଉ ସେ ହିଁ ଆତ୍ମାଂକ ରବଟିକୁ ଶ୍ରବଣ କରିବ । ଭୟାବହ ଅନ୍ଧକାରର ସେହି ଦିନରେ ଶୁଦ୍ଧ ବାକ୍ୟଟିର ଦ୍ୱାରା ଜ୍ୟୋତିଟି ଫେରି ଆସିବ ଆଉ ଯୀଶୁ ଖ୍ରୀଷ୍ଟଙ୍କୁ ପୁନଶ୍ଚ ସ୍ୱାଗତ କରି ଗ୍ରହଣ କରିବା ନିମନ୍ତେ ଆମ୍ଭେମାନେ ପେଣ୍ଟିକଷ୍ଟର ଶକ୍ତିଟିର ମଧ୍ୟକୁ ପୁନଶ୍ଚ ଫେରି ଆସିବୁ ।

ଯୀଶୁ ହିଁ ସେ ଥିଲେ, ଆଉ ତାଙ୍କୁ ମଧ୍ୟ ଅବଶ୍ୟ ପରୀକ୍ଷିତ ହେବାକୁ ଥିଲା ଯେପରି କି **ପ୍ରତିଟି** ବାକ୍ୟର ସହିତ ସେ ସ୍ଥିର ହୋଇ ରହି ପାରନ୍ତି କି ନାହିଁ ତାହାକୁ ଦେଖିବା ନିମନ୍ତେ ଯାହା କି ଈଶ୍ୱରଙ୍କ ମୁଖରୁ ନିର୍ଗତ ହୋଇଥାଏ । ତେବେ ଯାଇ ଶୟତାନ ପରାସ୍ତ ହୋଇଥିଲା । ଯେହେତୁ ଏହି ସ୍ଥାନରେ ସେପରି ଜଣେ ବ୍ୟକ୍ତି ଥିଲେ ଯିଏ କି "ଏହା ଲିଖିତ ହୋଇଅଛି" ତଦ୍ୱାରା ଜୀବିତ ରହିଥିଲେ, ଆଉ ଈଶ୍ୱରଙ୍କର ସେହି ଅତ୍ୟୁତ୍ତମ କୃତିଟି ଈଶ୍ୱରଙ୍କ ବାକ୍ୟକୁ ପ୍ରମାଣସିଦ୍ଧ କରିବା ଦ୍ୱାରା ବିଜୟୀ ହୋଇଥିଲେ, ତତ୍ପରେ ଏହି ନିଷ୍ପାପୀ ବ୍ୟକ୍ତି ଜଣକ କ୍ରୁଶ ଉପରେ ଆପଣାକୁ ପ୍ରକାଶିତ କରିଥିଲେ, ଏକ ନିଷ୍ପାପ ବଳିଦାନର ସଦୃଶ ଈଶ୍ୱରଙ୍କ ମେଷଶାବକ ରୂପେ ଆପଣାକୁ ଅର୍ପଣ କରିଥିଲେ । ଆଉ କ୍ରୁଶ ଉପରେ ମୃତ୍ୟୁ ପର୍ଯ୍ୟନ୍ତ କ୍ଷତଟିକୁ ସହିଥିଲେ, ଯେପରି କି ଆମ୍ଭେମାନେ, ତାଙ୍କ ଦ୍ୱାରା ଆଉ ତାଙ୍କରି ଉଦ୍ଦେଶ୍ୟରେ, ଜୀବନ ବୃକ୍ଷରୁ ଫଳକୁ ଭୋଜନ କରିପାରୁ, ଆଉ ବିନା ମୂଲ୍ୟରେ ପ୍ରଦାନ କରାଯାଇ ଥିବା ଜୀବନଟି ବିଜୟୀ ହେବାକୁ ଅମ୍ଭମାନଙ୍କୁ ଯୋଗ୍ୟ କରିପାରେ, ଆଉ ଈଶ୍ୱରଙ୍କ ବାକ୍ୟଟିକୁ ବ୍ୟକ୍ତ କରିପାରେ ।

ଆଉ ଈଶ୍ୱରଙ୍କ ସେହି ସୁଯୋଗ୍ୟ ସନ୍ତାନଗଣଙ୍କ ନିମନ୍ତେ, ଯେଉଁମାନେ ତାଙ୍କରି ଦ୍ୱାରା ବିଜୟୀ ହୋଇଥାନ୍ତି, ସେମାନେ ଈଶ୍ୱରଙ୍କ ପାରଦେଶର ଅଧିକାରୀ ହେବାକୁ ସୁଯୋଗ ପାଇଥାନ୍ତି ଏବଂ ଖ୍ରୀଷ୍ଟଙ୍କ ସହିତ ଲଗାତାର ରୂପେ ସହଭାଗିତା ରଖିବାକୁ ସୁଯୋଗ ପାଇଥାନ୍ତି । ତାଙ୍କଠାରୁ ପୃଥକ ହେବାର ଆଉ କୌଣସି ପ୍ରକାରର ସମ୍ଭାବନା ରହି ନ ଥାଏ । ସେ ଯେ କୌଣସି ଆଡକୁ ଯାଇଥାଏ ନା କାହିଁକି, ତାଙ୍କର ଯୋଗ୍ୟତାଟି ତାହାର ସହିତରେ ଗମନ କରିବେ । ତାଙ୍କର ଅଂଶଟି କିପରି ଅଟେ, ସେ ଆପଣାର ପ୍ରେମିକଙ୍କ ସହିତ ତାଙ୍କର ସହ-ଅଧିକାରର ଅଂଶୀଦାରକୁ ଉପଭୋଗ କରିଥାଏ । ଗୁପ୍ତ ବିଷୟଗୁଡକ ପ୍ରକାଶିତ ହୋଇଯିବ । ଅନ୍ଧକାରପୂର୍ଣ୍ଣ ବିଷୟଗୁଡକ ଆଲୋକମୟ ହୋଇଯିବ । ଅମ୍ଭେମାନେ ପରିଚିତ ଥିବା ସନ୍ତାନଗଣର ନ୍ୟାୟ

ପ୍ରଗଗ୍ଭଡକରେ ଦୂର କରଯାଇ ନ ଥିଲା ଯେହେତୁ ଏହାର ଧାରଟି ମେଷଶାବକଙ୍କ ରକ୍ତରେ ଜର୍ଜରିତ ହୋଇ ରହିଥିଲା । ଆଉ ସେହି ସତ୍ୟତାର ବିଷୟରେ ଆମ୍ଭେମାନେ କିଛି ସମୟର ନିମନ୍ତେ ଧ୍ୟାନ କରୁ ଯେ ସେହି ବୃକ୍ଷଟିକୁ ଆଦମଙ୍କ ନିମନ୍ତେ ଏବଂ ତାଙ୍କର ପରବର୍ତ୍ତୀ ବଂଶଧରମାନଙ୍କ ନିମନ୍ତେ କାହିଁକି ମନା କରଯାଇ ଥିଲା ମାତ୍ର ଏତେବେଳେ ତାହାର ଆଜ୍ଞାଟିକୁ ପୁନଶ୍ଚ ଦତ୍ତ ହୋଇଅଛି ।

ଆପଣାର ସୃଷ୍ଟି, ମନୁଷ୍ୟର ନିମନ୍ତେ, ଈଶ୍ୱରଙ୍କର ଅଭିପ୍ରାୟଟି ତାଙ୍କର ବାକ୍ୟଟିକୁ ମନୁଷ୍ୟକୁ ପ୍ରକାଶ କରିବା ବିଷୟରେ ହିଁ ଅଟେ । ଆଦି ପୁସ୍ତକରେ, ଜୀବିତ ହୋଇ ରହିବା ନିମନ୍ତେ ଆଦମଙ୍କୁ ବାକ୍ୟଟି ଦତ୍ତ ହୋଇଥିଲା । ଜୀବନଟିଏ ଯାହା କି ବାକ୍ୟ ଦ୍ୱାରା ବଞ୍ଚିଥାଏ ତାହାକୁ ଦତ୍ତ ହୋଇଥିବା ବାକ୍ୟଟି ହେବା ଉଚିତ ଅଟେ । ତାହା ହିଁ ସତ୍ୟ ଅଟେ, ସେପରି ଏହା ନୁହେଁ କି ? ତଥାପି ସେହି ବାକ୍ୟଟିର ଦ୍ୱାରା ଆଦମ ଜୀବିତ ରହିଥିଲେ କି ? ନୁହେଁ, ଯେହେତୁ ତାଙ୍କୁ ତ **ପ୍ରତ୍ୟେକଟି** ବାକ୍ୟର ସହିତ ଜୀବିତ ହୋଇ ରହିବାକୁ ଥିଲା, ଆଉ ସେ ପ୍ରତିଟି ବାକ୍ୟକୁ ମନଯୋଗ କରି ରହିବା ନିମନ୍ତେ ଅକୃତକାର୍ଯ୍ୟ ହୋଇଥିଲେ । ତତ୍ପରେ ମୋଶାଙ୍କର ଉତ୍‌ଥାନ ହୋଇଥିଲା । ସେ ତ ଜଣେ ମହାନ ଓ ପ୍ରତାପୀ ବ୍ୟକ୍ତି ଥିଲେ, ଏହାସତ୍ତ୍ୱେ ପ୍ରତିଟି ବାକ୍ୟର ସହିତ ବିଶ୍ୱସ୍ତ ହୋଇ ରହିବା ନିମନ୍ତେ ସେ ମଧ୍ୟ ଅକୃତକାର୍ଯ୍ୟ ହୋଇଥିଲେ; ଆଉ ସେହି ଭବବାଦୀ ଜଣକ, ଆଗତ ହେବାକୁ ଥିବା ସେହି ସର୍ବଶ୍ରେଷ୍ଠ ଭବବାଦୀଙ୍କର ନମୁନା ସଦୃଶ ଥିଲେ, ଆଉ ବାକ୍ୟର ଆଜ୍ଞାକାରୀ ହେବା ପରିବର୍ତ୍ତେ କ୍ରୋଧୀ ହୋଇ ସେ ପତିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଦାଉଦ ମଧ୍ୟ ଥିଲେ, ଇସ୍ରାଏଲ ଜାତୀର ଜଣେ ମହାନ ରଜା ଥିଲେ, ଈଶ୍ୱରଙ୍କ ସହୃଦୟତାର ବ୍ୟକ୍ତି ଜଣକ ଥିଲେ । ସେ ବ୍ୟଭିଚାର ଜନିତ କାର୍ଯ୍ୟ କରି ପତିତ ହୋଇଥିଲେ, ସେ ଯେତେବେଳେ ପରୀକ୍ଷିତ ହୋଇଥିଲେ ସେତେବେଳେ ସେପରି ହୋଇଥିଲେ । ତଥାପି ଅବଶେଷରେ, ସମୟର ପରିପୂର୍ଣ୍ଣତାର ସମୟରେ, ଜଣେ ଆଗମନ କରିଥିଲେ, ସେହି ମନୁଷ୍ୟଟି, ଅର୍ଥାତ୍

# ମୂଳ ପାପ

**(The Original Sin)**

## ଆତ୍ମାଙ୍କର ରବ

**(The Voice of The Spirit)**

ପ୍ରକାଶିତ ବାକ୍ୟ ୨ ; ୭ :— "ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ । ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା 'ଜୀବନ ବୃକ୍ଷ'ର ଫଳ ଖାଇବାକୁ ଦେବୁଁ ।"

"ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।" ସମ୍ଭବତଃ ଲକ୍ଷାଧିକ ଲୋକଗୁଡାକ ଏହି ବାକ୍ୟଗୁଡକୁ ଶ୍ରବଣ କରିବେ କିମ୍ବା ପାଠ କରିବେ । ତଥାପି କେତେ ଜଣ ବ୍ୟକ୍ତି ଏଥିପ୍ରତି କର୍ଣ୍ଣପାତ କରିବେ ? ତାହା ତ ଆମ୍ଭେମାନେ ଜାଣିନାହୁଁ । ତଥାପି ଯିଏ ଏହା ଶୁଣିବ ଏବଂ ସତ୍ୟ ବାକ୍ୟକୁ ଜାଣିବାକୁ ଇଚ୍ଛା କରିବ ପରମେଶ୍ୱରଙ୍କର ଆତ୍ମା ଯେ ତାହାକୁ ସତ୍ୟର ଆଲୋକରେ ଆଲୋକିତ କରୁଛନ୍ତି, ତାହା ସେ ବୁଝିବ ।

ବାକ୍ୟ ପ୍ରତି ଆପଣଙ୍କ କର୍ଣ୍ଣଟି ଯଦି ଉନ୍ମୁକ୍ତ ହୋଇ ରହିଥାଏ, ତେବେ ବାକ୍ୟଟିକୁ ସତ୍ୟ ରୂପେ ପରିଚିତ କରାଇବାକୁ ଈଶ୍ୱରଙ୍କ ଆତ୍ମା ଆପଣଙ୍କୁ ସାହାଯ୍ୟ କରିବେ । ତାହା ହିଁ ତ ଆତ୍ମାଙ୍କର ଏକ କାର୍ଯ୍ୟ ଅଟେ । ମୁଁ ଆପଣମାନଙ୍କୁ ସତ୍ୟକଥାଟିଏ ଶିକ୍ଷା ଦେଇପାରେ, ତଥାପି ଆପଣ ଯଦି ସେଥିପ୍ରତି ଧ୍ୟାନ ନ ଦିଅନ୍ତୁ କିମ୍ବା ହୃଦୟର ସହିତ ଗ୍ରହଣ ନ କରନ୍ତୁ ତେବେ ଆପଣ ପ୍ରକାଶନଟିକୁ ଲାଭ କରି ପାରିବେ ନାହିଁ ।

ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ମଣ୍ଡଳୀଗୁଡ଼ିକୁ ଆତ୍ମା ଯେ ବୋଲୁଅଛନ୍ତି ଏହା ସେପରି ଏକ ବାକ୍ୟକୁ କହିଥାଏ । ଏହା ଏକ ବହୁବଚନ ବାକ୍ୟ ଅଟେ, ଏକବଚନର ନୁହେଁ । ଆତ୍ମା ଯୋହନଙ୍କୁ ଏହି ସକଳ ବାକ୍ୟଗୁଡ଼ିକୁ କେବଳ ଏଫିସର ସ୍ଥାନୀୟ (local) ମଣ୍ଡଳୀଟିର ନିମନ୍ତେ କିମ୍ବା ପ୍ରଥମ ମଣ୍ଡଳୀଟିର ନିମନ୍ତେ ଲେଖିବାକୁ କହି ନ ଥିଲେ, କିନ୍ତୁ ଏହା ସମସ୍ତ ମଣ୍ଡଳୀଗୁଡ଼ିକର ନିମନ୍ତେ କଥିତ ହୋଇଥିଲା । ତଥାପି ଏହା ତ ସୃଷ୍ଟିର ସର୍ବପ୍ରଥମ ମଣ୍ଡଳୀଟି ଅଟେ । ତେଣୁ ଏହା ତ ଆଦିପୁସ୍ତକପରି ସମାନ ଅଟେ । ଯାହା କିଛି ଘଟଣା ଆଦିପୁସ୍ତକରେ ଆରମ୍ଭ ହୋଇଥିଲା ସେଗୁଡ଼ିକ ସମସ୍ତ ବାକ୍ୟର ପ୍ରତ୍ୟେକ ସ୍ତରରେ ସତ୍ୟ ହୋଇଥିଲା ପରିଶେଷରେ ପ୍ରକାଶିତ ବାକ୍ୟର ପୁସ୍ତକରେ ଏହାର ସମାପ୍ତି ଘଟିଥିଲା । ସେଥିପାଇଁ ଏହି ମଣ୍ଡଳୀଟି ଯାହା କି ପ୍ରେରିତମାନଙ୍କର ଯୁଗରେ ଆରମ୍ଭ ହୋଇଥିଲା ଶେଷରେ ତାହା ଲାଅଦିକୀଆ ଯୁଗରେ ଶେଷ ହେବା ପର୍ଯ୍ୟନ୍ତ ଭବିଷ୍ୟତର ସମସ୍ତ ଯୁଗଗୁଡ଼ିକର ନିମନ୍ତେ ଈଶ୍ୱରଙ୍କର ଏକ ପ୍ରତିଛବିର (blue print) ସଦୃଶ ଥିଲା । ଏହାକୁ ଖୁବ୍ ଯତ୍ନର ସହିତରେ ନିରୀକ୍ଷଣ କରନ୍ତୁ । ପ୍ରତ୍ୟେକେ ଏଥିପ୍ରତି ଧ୍ୟାନ ଦିଅନ୍ତୁ, କାରଣ ଯାହାକିଛି ଘଟଣା ଘଟୁଛି ତାହା ତ କେବଳ ଆରମ୍ଭ ମାତ୍ର । ସେହି ଗୋଟିଏ ଛୋଟ ଗଛଟି କ୍ରମେ ବଢ଼ିବାରେ ଲାଗୁଛି । ଆଉ କ୍ରମେ ଯୁଗଗୁଡ଼ିକର ଦେଇ ଏହା ବୃଦ୍ଧି ଲାଭ କରିବ । ସୁତରାଂ ଏହା ତ ଯୀଶୁଙ୍କ ଆଗମନ ପୂର୍ବରୁ ସମସ୍ତ ଯୁଗଗୁଡ଼ିକର ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏକ ସମାଚାର ଅଟେ । ହଁ, ଯେହେତୁ ଆତ୍ମା ଏହା କହୁଅଛନ୍ତି । ତାହାହିଁ ସତ୍ୟ ଅଟେ । ଆମେନ୍ ।



ମୂଳ ପିତା କୟିନଙ୍କର ସମାନ ଅଟନ୍ତି । ସେମାନଙ୍କ ମଧ୍ୟରୁ ଉଭୟେ ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିଲେ । ସେମାନେ ଉପାସନାଳୟକୁ ଯାଆନ୍ତି । ଆଉ ଗହମର ସହିତ ବାଲୁଙ୍ଗା ଯେପରି ମିଳିତ ହୋଇଥାଏ ଠିକ୍ ସେହିପରି ଉଭରେ ସେମାନେ ମଧ୍ୟ ଧାର୍ମିକମାନଙ୍କ ସହିତ ମିଳିତ ହୋଇଥାନ୍ତି । ଏହିପରି କରୁଥିବା ଦ୍ୱାରା ସେମାନେ ଉତ୍ପାଟନ କରିଥାନ୍ତି ଆଉ ନିକୋଲାୟତିୟ ଧର୍ମକୁ ଜନ୍ମ ଦେଇଥାନ୍ତି । ଆଉ ସେମାନେ ଆପଣାର ଗରଳକୁ ଯଥା ସମ୍ଭବ ବିସ୍ତାର କରାଇ ଈଶ୍ୱରଙ୍କର ବଂଶକୁ ତଦ୍ଦ୍ୱାରା ନାଶ କରିଦେଇଥାନ୍ତି ଯେପରି କି କୟିନ ମଧ୍ୟ ହେବଲଙ୍କୁ ହତ୍ୟା କରିଥିଲେ । ସେମାନଙ୍କ ଚକ୍ଷୁର ସାମନାରେ ଈଶ୍ୱର ଭୟ ବୋଲି କିଛି ବିଷୟ ରହି ନ ଥାଏ ।

ଏହାସତ୍ତ୍ୱେ ଈଶ୍ୱର ନିଜସ୍ୱ ସନ୍ତାନମାନଙ୍କ ମଧ୍ୟରୁ ଜଣକୁ ସୁଦ୍ଧା ହରନ୍ତି ନାହିଁ । ସେ ମୃତ୍ୟୁର ସମୟରେ ସୁଦ୍ଧା ସେମାନଙ୍କୁ ରକ୍ଷା କରିଥାନ୍ତି, ଆଉ ଏପରି ପ୍ରତିଜ୍ଞା ମଧ୍ୟ କରି ଅଛନ୍ତି ଯେ ଶେଷକାଳରେ ସେ ସେମାନଙ୍କୁ ପୁନଶ୍ଚ ଉତ୍ଥାପିତ କରିବେ ।

# ଉପସଂହାର

## (CONCLUSION)

"............ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନ ବୃକ୍ଷର ଫଳ ଖାଇବାକୁ ଦେବୁ" । ଏହା କିପରି ଏକ ଆନନ୍ଦଦାୟକ -- ଉତ୍ସାହରେ ଭରପୂର ହୋଇ ରହିଥିବା ବିଷୟଟି ଅଟେ । ଜୀବନର ସେହି ବୃକ୍ଷଟି ଯାହା କି ଏଦନ ଉଦ୍ୟାନର ମଧ୍ୟରେ ରହିଥିଲା ଆଉ ଆଦମଙ୍କ ପତନର ଯୋଗୁଁ ଯାହାର ନିକଟବର୍ତ୍ତୀ ମଧ୍ୟ ହୋଇପାରୁ ନ ଥିଲା ତାହାକୁ ଜୟକାରୀମାନଙ୍କୁ ଏତେବେଳେ ପ୍ରଦାନ କରାଯାଇ ଅଛି । କିରୂବଗଣଙ୍କର ଜ୍ୱଳନ୍ତ ଖଡ୍ଗଗୁଡ଼ିକୁ ଦୂର କରି ଦିଆଯାଇ ଅଛି । ତଥାପି ଏହାକୁ ତ ବିଗତ

ଜ୍ଞାନଦାୟୀ ବୃକ୍ଷଟି ତ ମୃତ୍ୟୁକୁ ଜନ୍ମ ଦେଇଥିଲା । କଇନ ଆପଣାର ଭାଇ ହେବଲଙ୍କୁ ହତ୍ୟା କରିଥିଲେ । ଅଧାର୍ମିକ ବ୍ୟକ୍ତି ଜଣକ ଧାର୍ମିକ ବ୍ୟକ୍ତିଙ୍କୁ ଘାତ କରିଥିଲେ । ଏହା ଏକ ନମୁନାକୁ ସ୍ଥାପିତ (ସ୍ଥିର) କରିଥିଲା । ଆଉ ଉଦବାଦୀଗଣଙ୍କ ଦ୍ୱାରା ପୁନଃସ୍ଥାପନାର ଯେଉଁ ସମୟଟିର ବିଷୟରେ କୁହାଯାଇ ଥିଲା ତାହା ପରିଚୟତାକୁ ଆସିବା ପର୍ଯ୍ୟନ୍ତ ଏହି ନମୁନାଟିକୁ ତାହା ବଳବତ୍ତର କରି ରଖିଥିବ ।

ସତ - ଅସତ ଜ୍ଞାନଦାୟକ ବୃକ୍ଷଟି ଅତି ଚଳାକ ପ୍ରକୃତିର ମନୁଷ୍ୟଗଣଙ୍କୁ ଜାତ କରିଥିଲା, ଅତି ଜ୍ଞାନୀ - ମାନୀ ଲୋକମାନଙ୍କୁ ଜାତ କରିଥିଲା । ତଥାପି ସେମାନଙ୍କର ମାର୍ଗଗୁଡ଼ିକ ମୃତ୍ୟୁର ମାର୍ଗ ଥିଲା । ଈଶ୍ୱରଙ୍କ ସନ୍ତାନଗଣ ତ ଅତି ସାଧାରଣ ଧରଣର ଅଟନ୍ତି, ତଥାପି ଆତ୍ମିକମନା ଅଟନ୍ତି, ଈଶ୍ୱରଙ୍କ ପ୍ରତି ଓ ପ୍ରକୃତିର ଆଡକୁ ନିର୍ଭର କରି ରହିଥାନ୍ତି, ଅତି ଶାନ୍ତଶିଷ୍ଟ ହୋଇ କାର୍ଯ୍ୟ କରି ଚାଲିଥାନ୍ତି, ଆଉ ସମ୍ପଦର ପରିବର୍ତ୍ତେ ସତ୍ୟ ବାକ୍ୟର ପକ୍ଷ ଅଧିକ ନେଇଥାନ୍ତି । ଶୟତାନର ବଂଶଟି ତ ଅତି ଉଚ୍ଚକୋଟୀର ସମ୍ପନ୍ନ ବୈଷୟିକ ଜ୍ଞାନକୁ, ବିଚକ୍ଷଣ ଧରଣର ଉଦ୍ଭାବନଗୁଡ଼ିକୁ ପରିଚୟକୁ ଆଣିଅଛି, ତଥାପି ଏହି ସବୁର ସହିତ ମୃତ୍ୟୁ ହିଁ ଦେଖାଦେଇ ଥାଏ । ସେମାନଙ୍କର ଗୋଳାବାରୁଦ-ଗୁଡ଼ିକ, ଆଣବିକ ବୋମାଗୁଡ଼ିକ ଯୁଦ୍ଧରେ ନରହତ୍ୟା କରିଥାଏ, ଆଉ ଶାନ୍ତର ସମୟରେ ସେମାନଙ୍କର କଳକବ୍‌ଜା ଜନିତ ଉଦ୍ଭାବନଗୁଡ଼ିକ, ଯେପରି କି ମୋଟରଗାଡ଼ି ଇତ୍ୟାଦି, ଯୁଦ୍ଧ ନିମନ୍ତେ ଉଦ୍ଭାବନ କରାଯାଇ ଥିବା ଯୁଦ୍ଧାସ୍ତ୍ରଗୁଡ଼ିକଠାରୁ ମଧ୍ୟ ଦ୍ୱିଗୁଣ ଜନ ଜୀବନକୁ ଶାନ୍ତର ସମୟରେ ଅନାୟାସରେ ହତ୍ୟା କରିଥାଏ । ତାଙ୍କ ପରିଶ୍ରମର ସମସ୍ତ ଫଳଗୁଡ଼ିକ କେବଳ ମୃତ୍ୟୁ ଏବଂ ବିନାଶ ହିଁ ଅଟେ ।

ତଥାପି ସେମାନେ ମଧ୍ୟ ଧାର୍ମିକମନା ଅଟନ୍ତି । ସେମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରନ୍ତି । ସେମାନେ ଆପଣାମାନଙ୍କର ପୂର୍ବଜଗଣଙ୍କ ନ୍ୟାୟ ଅଟନ୍ତି, ଅର୍ଥାତ ଶୟତାନ, ଓ ସେମାନଙ୍କର



# ପ୍ରତିଜ୍ଞିତ ପୁରସ୍କାର

ପ୍ରକାଶିତ ବାକ୍ୟ ୨ : ୭ "......ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନ ବୃକ୍ଷର ଫଳ ଖାଇବାକୁ ଦେବୁ ।" ସବୁ ଯୁଗଗୁଡ଼ିକର ସକଳ ବିଜୟୀମାନଙ୍କ ନିମନ୍ତେ ଏହା ଭବିଷ୍ୟତ ପୁରସ୍କାର ଅଟେ । ଯୁଦ୍ଧର ଅନ୍ତିମ ତୂରୀଟି ଫୁଙ୍କାଯାଇ ସାରିବା ଉତ୍ତାରେ, ଆଉ ଆମ୍ଭମାନଙ୍କର ଅସ୍ତ୍ରଶସ୍ତ୍ରଗୁଡ଼ିକ ନତ ହେବାପରେ ଯାଇ ଆମ୍ଭେମାନେ ସ୍ୱର୍ଗଲୋକରେ ବିଶ୍ରାମ କରିବୁ ଏବଂ ଜୀବନ ବୃକ୍ଷରୁ ସବୁଦିନ ପାଇଁ ଆମ୍ଭମାନଙ୍କୁ ଫଳ ଭୋଜନ କରିବାକୁ ମିଳିବ ।

"ଜୀବନର ବୃକ୍ଷ" :— (The Tree of Life) ଏହା ଏକ ସୁନ୍ଦର ବାକ୍ୟଟିଏ ନୁହେଁ କି ? ଆଦି ପୁସ୍ତକରେ ଏହାକୁ ୩ଥର ପ୍ରୟୋଗ କରଯାଇ ଅଛି, ଏବଂ ପ୍ରକାଶିତ ବାକ୍ୟରେ ମଧ୍ୟ ଏହାକୁ ୩ଥର ପ୍ରୟୋଗ କରଯାଇ ଅଛି । ଏହି ଛଅଟିଯାକ ସ୍ଥାନରେ ଏହା ସେହି ସମାନ ବୃକ୍ଷ ଏବଂ ସମାନ ଅର୍ଥର ପ୍ରତୀକ ଅଟେ ।

କିନ୍ତୁ ଜୀବନର ବୃକ୍ଷଟି କଅଣ ଅଟେ ? ପ୍ରଥମେ ଆମେ ଦେଖିବା ବୃକ୍ଷଟି କେଉଁ ଅର୍ଥରେ ବ୍ୟବହାର କରଯାଇଛି । ଗଣନାପୁସ୍ତକ ୨୪ : ୬ ପଦରେ, ବାଲମ ଈଶ୍ରାୟେଲୀୟମାନଙ୍କ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, "ସେମାନେ ତ ଉପତ୍ୟକାତୁଲ୍ୟ ବିସ୍ତାରିତ, ନଦୀ ତୀରସ୍ଥ ଉଦ୍ୟାନତୁଲ୍ୟ, ସଦାପ୍ରଭୁଙ୍କ ରୋପିତ **ଅଗୁରୁ ବୃକ୍ଷ** ସଦୃଶ, ଜଳ - ନିକଟସ୍ଥ **ଏରସ ବୃକ୍ଷ** ସଦୃଶ ଅଟନ୍ତି ।" ଏପରି କି ଗୀତ ସଂହିତା ପୁସ୍ତକର ୧ମ ଅଧ୍ୟାୟରେ ବର୍ଣ୍ଣନା କରଯାଇ ଅଛି ଯେ, **ପବିତ୍ର ଧର୍ମଶାସ୍ତ୍ରରେ ସର୍ବଦା ବୃକ୍ଷଟି ମନୁଷ୍ୟମାନଙ୍କ ଅର୍ଥରେ (ବଦଳରେ) ପ୍ରୟୋଗ କରାଯାଇ ଅଛି ।** ସୁତରାଂ, ଜୀବନର ବୃକ୍ଷଟିର ଅର୍ଥ ପରିପୂର୍ଣ୍ଣ ଜୀବନଯାପନ କରୁଥିବା ବ୍ୟକ୍ତିଙ୍କୁ ବୁଝାଏ, ଏହା ନିଶ୍ଚିତ **ଏଙ୍ଗ ଯେ ଯୀଶୁ" ହିଁ ଅଟନ୍ତି** ।

ଆଉ ଏଦନ ଉଦ୍ୟାନରେ ଦୁଇଟି ବୃକ୍ଷ ପରସ୍ପରର ନିକଟରେ ଦଣ୍ଡାୟମାନ । ସେଥିରୁ ଗୋଟିଏ ଜୀବନର ବୃକ୍ଷ, ଅପରଟି ସତ୍-ଅସତ୍ ଜ୍ଞାନ ପ୍ରଦାୟକ ବୃକ୍ଷଟି ଥିଲା । ମନୁଷ୍ୟକୁ ଜୀବନର ବୃକ୍ଷ ସହିତ ସହଭାଗିତା କରି ରହିବାକୁ ଥିଲା; କିନ୍ତୁ ତାହାକୁ ଅପର ବୃକ୍ଷଟିକୁ ସ୍ପର୍ଶ କରିବାକୁ ନ ଥିଲା, ଅନ୍ୟଥା ସେ ମୃତ୍ୟୁବରଣ କରିଥାନ୍ତା । ତଥାପି ମନୁଷ୍ୟ ଅପର ବୃକ୍ଷଟିକୁ ଆଦରି ନେଇଥିଲା, ଆଉ ସେ ସେପରି କରିବାରୁ ପାପ ଦ୍ୱାର ମୃତ୍ୟୁ ତାହାର ମଧ୍ୟକୁ ପ୍ରବେଶ କରିଥିଲା, ଆଉ ସେ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇଯାଇ ଥିଲା ।

ଆଉ ସେହି ବୃକ୍ଷଟି, ଏଦନ ଉଦ୍ୟାନରେ ଥିବା ସେହି ବୃକ୍ଷଟି, ଯାହା କି ଜୀବନର ସ୍ରୋତ ଥିଲା, ସେ **'ଯୀଶୁ'** ହିଁ ଥିଲେ । ଯୋହନ ଲିଖିତ ସୁସମାଚାର ପୁସ୍ତକଟିର ୬ ଅଧ୍ୟାୟରୁ ନେଇ ୧୦ ଅଧ୍ୟାୟ ପର୍ଯ୍ୟନ୍ତ, ଯୀଶୁ ସ୍ୱୟଂକୁ 'ଅନନ୍ତ ଜୀବନର ସ୍ରୋତ' ବୋଲି କହି ପରିଚିତ କରାଇ ଅଛନ୍ତି । ସେ ଆପଣାକୁ ସ୍ୱର୍ଗରୁ ଆଗତ ହୋଇଥିବା ରୋଟି ବୋଲି ମଧ୍ୟ କହି ଅଛନ୍ତି । ସେ ଆପଣାକୁ ଦାନ କରିଥିବା ବିଷୟକୁ ମଧ୍ୟ କହିଥିଲେ ଆଉ କେହି ଜଣେ ବ୍ୟକ୍ତି ତାଙ୍କୁ ଯଦି ଭୋଜନ କରନ୍ତି ସେ କଦାପି କ୍ଷୁଧିତ ହେବେ ନାହିଁ । ସେ ଯେ ଅବ୍ରହାମଙ୍କୁ ଚିହ୍ନିଥିଲେ ସେପରି ମଧ୍ୟ କହିଥିଲେ, ଆଉ ଅବ୍ରହାମଙ୍କ ପୂର୍ବରୁ **ସେ ଥିଲେ** ଏପରି ମଧ୍ୟ କହିଥିଲେ । ସେ ଭବବାଣୀ କରି କହିଥିଲେ ଯେ କେବଳ ସେ ହିଁ ସେମାନଙ୍କୁ ଜୀବନର ଜଳକୁ ପ୍ରଦାନ କରିବେ, ଯେ ତାହାକୁ ପାନ କରିବ ସେ କଦାପି ତୃଷିତ ହେବନାହିଁ, ମାତ୍ର ଚିରଂଜୀବୀ ହେବ । ସେ ଆପଣାକୁ **'ଆମ୍ଭେ ସର୍ବଶକ୍ତିମାନ'** (GREAT I AM) ବୋଲି ପରିଚିତ କରିଥିଲେ । ସେ **ଜୀବନର ସ୍ରୋତ** ଅଟନ୍ତି, **ଜୀବନର ନିର୍ଝର** ଅଟନ୍ତି, **ଚିରସ୍ଥାୟୀ** ଅଟନ୍ତି, **ଜୀବନର ବୃକ୍ଷ** (Tree of Life) ଅଟନ୍ତି । ସେ ଈଶ୍ୱରଙ୍କ ସ୍ୱର୍ଗଲୋକ ମଧ୍ୟରେ ଅବସ୍ଥାନ କରିବା ପରି ସେଠାରେ ଏଦନ ଉଦ୍ୟାନର ମଧ୍ୟରେ, ବାଟିକାର ମଧ୍ୟରେ ଥିଲେ ।



ଈଶ୍ୱର ହବାଙ୍କୁ କହିଥିଲେ କି, ଅନ୍ୟଥା ଶୟତାନ ତାଙ୍କୁ ପ୍ରତାରିତ କରିବ ? ଶ୍ରବଣ କରନ୍ତୁ, ଯାହା ଘଟିବାକୁ ଥିଲା ସେ ବିଷୟରେ ଈଶ୍ୱର କଦାପି କିଛିହେଲେ କହି ନ ଥିଲେ, କାହାଣୀର ବିବରଣୀକୁ କେବଳ ଧ୍ୟାନ ପ୍ରଦାନ କରନ୍ତୁ । ସେ ତ ସାଧାରଣ ଭାବେ ବାକ୍ୟଟିଏ ଦେଇଥିଲେ । **ସତ ଅସତଜ୍ଞାନଦାୟୀ** ବୃକ୍ଷର ଅଂଶୀ ନ ହେବାକୁ ସେ ବାରଣ କରି କହିଥିଲେ । **ଜୀବନର** ଅଂଶୀ ହେବାକୁ କହିଥିଲେ । **ଜୀବନ ଈଶ୍ୱରଙ୍କ ବାକ୍ୟଟି ଥିଲା, ମୃତ୍ୟୁ ତାହା ହିଁ ଥିଲା ଯାହା କି ଈଶ୍ୱରଙ୍କର ବାକ୍ୟଟି ନ ଥିଲା । ଗୋଟିଏ ମାତ୍ର ବାକ୍ୟକୁ** ସେ ପରିବର୍ତ୍ତନ ହେବା ନିମନ୍ତେ ସୁଯୋଗ ଦେଇଥିଲେ, ଆଉ ଅତିଶୀଘ୍ର ଶୟତାନ ତାଙ୍କୁ ଅଧିକାର କରି ନେଇଥିଲା । ପରମେଶ୍ୱର ସେପରି କହିପାରି ଥାନ୍ତେ ଯେ, "ତୁମ୍ଭେମାନେ ଯେତେ ଫଳ ଭୋଜନ କରିପାର ନାହିଁ, ସେତେ ସଂଖ୍ୟକ ଫଳକୁ ତୁମ୍ଭେମାନେ କଦାପି ତୋଳ ନାହିଁ ।" ଶୟତାନ କହିପାରି ଥାନ୍ତା, "ଦେଖ, ତାହା ତ ଠିକ୍ ଅଟେ । ତୁମ୍ଭେମାନେ ବୁଝ, ଯଦି ଅଧିକ ଫଳଗୁଡ଼ିକୁ ତୋଳିଦେବ, ତେବେ ସେଗୁଡ଼ିକ ତ ପଚିଯିବ । ତଥାପି ଫଳଟିକୁ ସୁରକ୍ଷା କରି ସାଇତି ରଖିବା ନିମନ୍ତେ ଏହି ସ୍ଥାନରେ ଏକ ଉପାୟ ରହିଅଛି, ତଥାପି ତୁମ୍ଭେ ଯେତେ ଇଚ୍ଛା କରିଥାଅ ସେତିକି ଫଳକୁ ତୁମ୍ଭେ କଦାପି ତୋଳି ପାରିବ ନାହିଁ ତୁମ୍ଭେ ନିଜର ଉପାୟଟିକୁ ଏବଂ ଈଶ୍ୱରଙ୍କର ଉପାୟଟିକୁ ଏକ ସଙ୍ଗେ ଗ୍ରହଣ କରିପାର ।" ଶୟତାନ ଠିକ୍ ନ୍ୟାଯ୍ୟ ସମୟରେ ତାଙ୍କୁ ଲାଭ କରିଥାଇ ପାରେ । କେହି ଯଦି ବ୍ୟବସ୍ଥାର **ଗୋଟିଏ ମାତ୍ର ବାକ୍ୟକୁ** ଉଲ୍ଲଂଘନ କରେ ତେବେ ସେ **ସମସ୍ତ ବ୍ୟବସ୍ଥାର** ଉଲ୍ଲଂଘନକାରୀ ପରି ଦୋଷୀ ହୋଇଥାଏ । ସେହି ବାକ୍ୟର ସହିତ ନିର୍ବାଧତାର ବ୍ୟବହାର କରନାହିଁ । ଏଫିସୀୟ ମଣ୍ଡଳୀର ସହିତ ତାହା ହିଁ ଘଟିଥିଲା ଏଥିପୂର୍ବେ କି ତାହା ୧୭୦ ଖ୍ରୀଷ୍ଟାବ୍ଦର ଘଟଣାଟିର ମଧ୍ୟକୁ ପଦାର୍ପଣ କରେ ।

ଆଉ ସେହି ବୃକ୍ଷଟି କି ପ୍ରକାର ଫଳକୁ ଉତ୍ପନ୍ନ କରିଥିଲା ?

ପୁରୁଷ ପରମ୍ପରା ରୀତି ଅନୁସାରେ ଲୋକମାନଙ୍କ ମଧ୍ୟରେ ସେପରି ଧରଣର ଏକ ଚିନ୍ତାଧାରାଟି ଯୁଗ - ଯୁଗ ଧରି ରହି ଆସିଅଛି । ସର୍ପଟି ଆବାହନକାଳରୁ ପୁଣି ବର୍ତ୍ତମାନ ସୁଦ୍ଧା ଅତି ଚିତ୍ତାକର୍ଷକରୂପେ ଆକର୍ଷଣୀୟ ଅଟେ ଆଉ ସେପରି ହୋଇ ଆସିଅଛି । ଆଉ ଯାହା କିଛି ଭଲ ଓ ମନ୍ଦ ଅଟେ ତାହାରି ଉଦାହରଣ ସ୍ୱରୂପ ହୋଇ ସର୍ପଟି ସର୍ବଦା ବିରାଜି ହୋଇ ରହି ଆସିଅଛି । ଏହା ତ ଯୁଗ - ଯୁଗ ଧରି ଏକ ପ୍ରକାର ପତନର ଚିହ୍ନ ହୋଇ ରହି ଆସିଅଛି । ଏଦନ ଉଦ୍ୟାନର ମଧ୍ୟରେ ଯେପରି ଥିଲା ଠିକ୍ ସେହିପରି ଭାବରେ ଆମ୍ଭେମାନେ ଦେଖିଥାଉ ଯେ ସର୍ପର ବ୍ୟକ୍ତିତ୍ୱଟି ଅତ୍ୟନ୍ତ ଆକର୍ଷଣୀୟ ମନ୍ଦତାର ରୂପକୁ ଧାରଣ କରି ଉଜାଗର ହୋଇଥାଏ ।

ଜଗତବ୍ୟାପୀ ସକଳ ପ୍ରକାରର ଅଶିକ୍ଷିତ ବର୍ବର ଜାତିଗୁଡ଼ିକର ମଧ୍ୟରେ ଏହି ସମାନ ଧରଣର ବିଷୟଟିକୁ ଦେଖିବାକୁ ମିଳିଥାଏ, ଆଉ ସେମାନଙ୍କ ମଧ୍ୟରେ ଏହା ଦେଖିବାକୁ ମିଳିଥାଏ ଯେ, ସେମାନେ ସର୍ପର କାମାତୁର ଆଚରଣଟିର ସହିତ ସମ୍ପର୍କ ସ୍ଥାପନ କରି ଅଛନ୍ତି ତଥା ଏହି କାରଣ ବଶତଃ ତାହାର ପୂଜା ମଧ୍ୟ କରଯାଇ ଥାଏ । କାମଶାସ୍ତ୍ର ବିଷୟକ ଅଧ୍ୟୟନରୁ ଏପରି ଅନେକଗୁଡ଼ାଏ ବିଷୟର ପ୍ରମାଣ ଦୃଷ୍ଟିଗୋଚରକୁ ଆସିଥାଏ । ବର୍ତ୍ତମାନ ମୁଁ ଏହାକୁ ବୁଝିବାକୁ ଇଚ୍ଛା କରିବି ଯେ ଅଶିକ୍ଷିତ ହୋଇଥିଲେ ସୁଦ୍ଧା ତଥା କୌଣସି ପ୍ରକାରେ ବାଇବଲକୁ ପାଠ ନ କରିବାସତ୍ତ୍ୱେ ସେମାନଙ୍କୁ ଏହି ଜ୍ଞାନଟିକୁ କିପରି ଲାଭ ହୋଇ ଥିଲା । ତଥାପି ଘଟିଥିବା ଜଳପ୍ଲାବନର ଘଟଣାଟିକୁ ଯେପରି ବିଶ୍ୱବ୍ୟାପୀ ସମସ୍ତଙ୍କୁ ଜଣାଅଛି, ସେହିପରି ଭାବରେ ମନୁଷ୍ୟର ପତନ ବିଷୟଟି ସମସ୍ତଙ୍କୁ ଜଣାଅଛି । ଏଦନ ଉଦ୍ୟାନର ମଧ୍ୟରେ କଣ ଯେ ଘଟିଥିଲା ତାହା ସମସ୍ତଙ୍କୁ - ସେମାନଙ୍କୁ ଭଲଭାବେ ଜଣା ।

ବର୍ତ୍ତମାନ ଠିକ୍ ଏହି ସ୍ଥାନରେ କେହି ଜଣେ ବ୍ୟକ୍ତି ମୋତେ ପ୍ରଶ୍ନଟିଏ ପଚାରି ପାରନ୍ତି । ସର୍ପଠାରୁ ସତର୍କ ହୋଇ ରହିବା ନିମନ୍ତେ



କେତେ ଏପରି ବିଶ୍ୱାସ କରନ୍ତି ଯେ ବାଟୀକାର ମଧ୍ୟସ୍ଥ ଅନ୍ୟାନ୍ୟ ସାଧାରଣ ବୃକ୍ଷଗୁଡ଼ିକ ସଦୃଶ ଏହି ଦୁଇଟି ବୃକ୍ଷ ଥିଲେ ଯେଉଁଗୁଡ଼ିକୁ ଈଶ୍ୱର ସେଠାରେ ରୋପଣ କରିଥିଲେ । ତଥାପି ସାବଧାନ ବିଦ୍ୟାର୍ଥୀ-ଗଣ ଜାଣନ୍ତି ଯେ ଏହା ସେପରି ନୁହେଁ । ବାପ୍ତିଜକ ଯୋହନ ଯେତେବେଳେ ଚିତ୍କାର କରି କହିଥିଲେ ଯେ ଗଛଗୁଡ଼ିକ ମୂଳରେ କୁରାଢ଼ି ଲାଗିଅଛି, ସେତେବେଳେ ସେ ସାଧାରଣ ଧରଣର ବୃକ୍ଷ-ଗୁଡ଼ିକୁ ଲକ୍ଷ୍ୟ କରି ସେପରି କହି ନ ଥିଲେ, ମାତ୍ର ତାଙ୍କର ଉକ୍ତି ଆଧ୍ୟାତ୍ମିକ ରୂପି ସିଦ୍ଧାନ୍ତଗୁଡ଼ିକର ନିମନ୍ତେ ଏବଂ ସେଗୁଡ଼ିକର ଶିକ୍ଷାର ସହିତରେ ସମ୍ବନ୍ଧୀତ ଥିଲା । ଆଉ ୧ମ ଯୋହନ ୫ : ୧୧ ପଦଟି ଏପରି କହିଥାଏ, "ସେହି **ସାକ୍ଷ୍ୟ** ଏହି ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇ ଅଛନ୍ତି, **ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି** ।" ଯୋହନ ୫ : ୪୦ ପଦରେ ଯୀଶୁ କହିଥିଲେ ଯେ, "କିନ୍ତୁ ତୁମ୍ଭେମାନେ ଜୀବନ ପ୍ରାପ୍ତ ହେବା ନିମନ୍ତେ **ମୋ ନିକଟକୁ** ଆସିବାକୁ ଇଚ୍ଛା କରୁନାହଁ ।" ବର୍ତ୍ତମାନ ଈଶ୍ୱରଙ୍କର ବାକ୍ୟଟି, ଯେହେତୁ ସେପରି ଏକ ସାକ୍ଷ୍ୟକୁ ଦେଇଥାଏ, ଆଉ ଅତି ପରିଷ୍କାର ଭାବରେ ତଥା ଶୁଦ୍ଧତାର ସହିତ କହିଥାଏ ଯେ **ଜୀବନଟି, ଅନନ୍ତ ଜୀବନ ପୁତ୍ରଙ୍କ ମଧ୍ୟରେ ରହିଅଛି,** ଏହା ଅନ୍ୟ କୌଣସି ସ୍ଥାନରେ ନାହିଁ । ୧ମ ଯୋହନ ୫ : ୧୨ ପଦରେ ଲିଖିତ ଅଟେ ଯେ, "**ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛି,** ଯେ **ଈଶ୍ୱରଙ୍କ ପୁତ୍ରଙ୍କୁ** ପାଇନାହିଁ, ସେ ଜୀବନ ହିଁ ପାଇ ନାହିଁ ।" ଆଉ ସାକ୍ଷ୍ୟଟି ଯେହେତୁ କଦାପି ପରିବର୍ତ୍ତନ ହୋଇପାରେ ନାହିଁ, ଏଥିରେ କିଛି ସଂଯୁକ୍ତ ଅଥବା ବିଯୁକ୍ତ କରାଯାଇ ପାରେ ନାହିଁ, ସେହି ହେତୁରୁ ସାକ୍ଷ୍ୟଟି ପ୍ରମାଣସିଦ୍ଧ ଅଟେ ଯେ **ଜୀବନ ପୁତ୍ରଙ୍କ ମଧ୍ୟରେ ରହିଅଛି** । ଯେହେତୁ ଏହା ହିଁ ସେପରି ଧରଣର ଅଟେ : **ବାଟୀକା ମଧ୍ୟସ୍ଥିତ ସେହି ବୃକ୍ଷଟି ଖ୍ରୀଷ୍ଟଙ୍କ ରୂପେ ଯୀଶୁ ହିଁ ଅଟନ୍ତି** ।

ଠିକ୍ ଅଛି । ଯଦି ଜୀବନର ବୃକ୍ଷଟି ଏକ ବ୍ୟକ୍ତି ଅଟନ୍ତି, ତେବେ ସତ୍ ଅସତ୍ ଜ୍ଞାନ ପ୍ରଦାୟକ ବୃକ୍ଷଟି ମଧ୍ୟ ଜଣେ ବ୍ୟକ୍ତି ଅଟେ । ଏତଦ୍‌ଭିନ୍ନ ଆଉ କିଛି ନୁହେଁ । ଏହିପରି ଭାବରେ ଧାର୍ମିକ ଏବଂ ଅଧାର୍ମିକ ପରସ୍ପରର ନିକଟରେ ସେହି ବାଟିକାଟିରେ ବିଦ୍ୟମାନ ଥିଲେ । ଯିହିଜିକଲ ୨୮ : ୧୩ ପଦଟି କହିଥାଏ ଯେ, "ତୁମ୍ଭେ (ଶୟତାନ) ପରମେଶ୍ୱରଙ୍କ ଉଦ୍ୟାନ ଏଦନରେ ଥିଲ ।"

ଏହି ସ୍ଥାନରେ 'ସର୍ପ ବଂଶ' (Serpent Seed)ର ଉଚିତ ପ୍ରକାଶନକୁ ଆମ୍ଭେମାନେ ଲାଭ କରିଥାଉ । ବର୍ତ୍ତମାନ ଏଠାରେ ସେପରି ଏକ ଘଟଣା ପରିଚିତ ଅଟେ ଯାହାକି ଏଦନ ଉଦ୍ୟାନର ମଧ୍ୟରେ ପ୍ରକୃତରେ ସେପରି ଘଟିଥିଲା । ହବା ଯେ ଶୟତାନ - ସର୍ପ ଦ୍ୱାରା ପ୍ରତାରିତ ହୋଇଥିଲେ ତାହା ବାକ୍ୟ ପ୍ରକାଶ କରିଥାଏ । **ପ୍ରକୃତରେ ସେ ତ ଶୟତାନ ଦ୍ୱାରା ବିପଥଗାମୀ** (Seduce) **ହୋଇ ଥିଲେ ।** ଆଦି ପୁସ୍ତକ ୩ . ୧ ପଦ ଅନୁସାରେ, "ସଦାପ୍ରଭୁ ପରମେଶ୍ୱରଙ୍କ ନିର୍ମିତ ଭୂଚର ପଶୁମାନଙ୍କ ମଧ୍ୟରେ ସର୍ପ ସର୍ବାପେକ୍ଷା ଖଳ ଥିଲା ।" ଏହି ପଶୁଟି ମନୁଷ୍ୟର ଅତ୍ୟନ୍ତ ନିକଟତର ଥିଲା । (ମାତ୍ର ପୂର୍ଣ୍ଣମାତ୍ରାରେ ଏକ ପଶୁ ହିଁ ଥିଲା) ଯାହାର ଚିନ୍ତା କରିବାର ଏବଂ ଚାତୁର୍ଯ୍ୟଶକ୍ତି ଥିଲା ଏବଂ ସେ ମନୁଷ୍ୟମାନଙ୍କ ପରି କଥା କହି ପାରୁଥିଲା । ସେ ସିଧାସଳଖ ଭାବେ ଚାଲବୁଲ କରିପାରୁ ଥିଲା ଆଉ ସିମ୍ପାଞ୍ଜି ଏବଂ ମନୁଷ୍ୟର ମଧ୍ୟସ୍ଥିତ କୌଣସି ଏକ ନସଲର ପ୍ରାଣୀ ଥିଲା, ଏବଂ ମନୁଷ୍ୟର ଅଧିକ ନିକଟତର ଜୀବଟି ଥିଲା । ସେ ମନୁଷ୍ୟ ଜାତିର ଏପରି ନିକଟତର ନସଲର ପ୍ରାଣୀଟି ଥିଲା ଯେ ତାହାର ବୀଜଟି ସ୍ତ୍ରୀର ବୀଜ ସହିତ ମିଳିତ ହୋଇ ତାହାକୁ ଗର୍ଭଧାରଣ କରାଇ ପାରିଥିଲା । ଯେତେବେଳେ ଏହା ଘଟିଯାଇ ଥିଲା, ଈଶ୍ୱର ସର୍ପକୁ ଅଭିଶାପ ଦେଇଥିଲେ । ସେ ସର୍ପର ଶରୀରସ୍ଥ ସବୁ ଅସ୍ଥିଗୁଡକୁ ପରିବର୍ତ୍ତନ କରି ଦେଇଥିଲେ । ଫଳତଃ ସେ (ସର୍ପ) ପେଟର ବଳରେ ଘୁଷୁରିଲା । ବିଜ୍ଞାନ ଶତଚେଷ୍ଟା କରି ସଂଯୋଗ ସ୍ଥାପନ କରି ପାରିବ ନାହିଁ ।



ଆଦମଙ୍କ ଔରସରୁ ଜାତ ହୋଇଥିବା ତାଙ୍କର ପୁତ୍ରଙ୍କୁ ସେ (she) ଚିହ୍ନି ପାରି ଥିଲେ । ସେ ଏତେବେଳେ କୟିନଙ୍କୁ ଚିହ୍ନି ନ ଥାନ୍ତି ଯିଏ କି (ଶୟତାନ) ସର୍ପ ଦ୍ୱାରା ଆସିଥିଲେ । ହେବଲଙ୍କ ପ୍ରତିନିଧି ରୂପେ **ଆଉ ଗୋଟିଏ ପୁତ୍ର** ଏପରି ଏକ ବିଷୟକୁ ସେ ଯେତେବେଳେ କହନ୍ତି, ସେତେବେଳେ କୟିନ ଯେ ହେବଲଙ୍କଠାରୁ . ଭିନ୍ନ ଧରଣର ଥିଲେ ଏହାକୁ ସେ ପ୍ରକାଶ କରିଥାନ୍ତି, କାରଣ ସେମାନେ ଉଭୟେ ଯଦି ଏକ ପିତାଙ୍କ ଔରସରୁ ଜାତ ହୋଇଥାନ୍ତେ ତେବେ ସେ (she) ଏପରି କହିପାରି ଥାନ୍ତେ ଯେ, "ମୁଁ **ଆଉର ଅଧିକ ବଂଶକୁ** ଲାଭ କରିଅଛି ।"

ମୁଁ ଯାହା କିଛି ବିଷୟବସ୍ତୁକୁ ପାଠ କରିଥାଏ ନା କାହିଁକି ସେଥିରୁ ସବୁକିଛି କଥାକୁ ମୁଁ ବିଶ୍ୱାସ କରି ନ ଥାଏ, ତଥାପି ୧୯୬୩ ମସିହା ମାର୍ଚ୍ଚ ମାସ ୧ ତାରିଖ ଦିନ ଲାଇଫ ରିପୋର୍ଟରେ ପ୍ରକାଶ ପାଇଥିବା ବିବରଣୀଟି ନିଶ୍ଚିତ ରୂପେ କୌତୁହଳଜନକ ପ୍ରକାଶନଟି ଅଟେ — ଯେହେତୁ ଯେଉଁ ବିଷୟବସ୍ତୁଟିର ଉପରେ ଆମ୍ଭେମାନେ ଏତେବେଳେ ଆଲୋଚନା କରୁଅଛୁ ଠିକ୍ ସେହି ବିଷୟବସ୍ତୁଟିର ଉପରେ ମନସ୍ତତ୍ତ୍ୱବିତ୍‌ଗଣ ମଧ୍ୟ ବିଚାରବିମର୍ଷ କରୁଅଛନ୍ତି । ମୁଁ ଜାଣେ ଯେ ସମସ୍ତ ମନସ୍ତତ୍ତ୍ୱବିତଗଣ ପରସ୍ପରର ସହିତ ସହମତ ହୋଇ ନ ଥାନ୍ତି, ତଥାପି ବିଷୟଟି ଏପରି ହିଁ ଅଟେ । ସର୍ପ ପ୍ରତି ଭୟଭୀତ ହେବାର ବିଷୟଟି ଏହା ଏକ ଅନ୍ତର୍ବୋଧୀ ବିତୃଷ୍ଣା (conscious revulsion) କଦାପି ନୁହେଁ ମାତ୍ର ଏହା ଅନ୍ତର୍ବୋଧୀ ବିହୀନ ବିତୃଷ୍ଣାଟି ଅଟେ । କାରଣ ଏହା ଯଦି ପ୍ରାକୃତିକ ଧରଣର ଭୟଟି ହୋଇଥାନ୍ତା ତେବେ ଯନ୍ତା ମଧ୍ୟରେ ରଖାଯାଇ ଥିବା ସିଂହ କିମ୍ବା ଗରିଲା ପ୍ରତି ଅତି ଆକର୍ଷିତ ହୋଇ ଲୋକମାନେ ସେମାନଙ୍କୁ ଦେଖିବାକୁ ଆନନ୍ଦ ଅନୁଭବ କରିଥାନ୍ତି ସର୍ପର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ଆଚରଣଟିକୁ ସମ୍ପନ୍ନ କରିଥାନ୍ତେ । ସେମାନଙ୍କର ଅଜ୍ଞାତ ଧରଣର ଚିନ୍ତାଟି ସେମାନଙ୍କୁ ସର୍ପ ନିକଟରୁ ଦୂରେଇ ରଖିଥାଏ । ସର୍ପର ସେପରି ଏକ ଅଜ୍ଞାତ ଭୟଟି ତାହା ହିଁ ଅଜଣା ଯୌନ ସମ୍ପର୍କର ବିଷୟଟି ଅଟେ । ଆଉ

ବର୍ଣ୍ଣନା କରଯାଇ ଥିଲା ଯେ ସେ ବିଦ୍ରୋହୀ ହୋଇ ଈଶ୍ୱରଙ୍କର ଆଉ ତାଙ୍କ ବାକ୍ୟର ବିରୁଦ୍ଧରେ ଯାଇଥିଲେ ।

ଅତଏବ ଏହାକୁ ପରିଚିତ ହେବାକୁ ଦିଅନ୍ତୁ : ବାକ୍ୟର ସହିତ ଧର୍ମଶାସ୍ତ୍ର କଦାପି ଅସଦାଚରଣର ବ୍ୟବହାରକୁ କରି ନ ଥାଏ, ତନ୍ମଧ୍ୟରେ ଯାହା କିଛି ବିଷୟ ରହିଅଛି ଯାହାକୁ ଅଭିଷିକ୍ତ ଚକ୍ଷୁଟି ଦେଖିଥାନ୍ତି । ତାହା ଉଦ୍ଦେଶ୍ୟ ସାଧନର ନିମନ୍ତେ ସେଠାରେ ରହିଅଛି । ସେହି ବାକ୍ୟରେ ଏହାକୁ ପ୍ରକାଶ କରଯାଇ ଥାଏ ଯେ, ଆଦିପୁସ୍ତକ ୩ : ୨୦ ପଦରେ କୁହାଯାଇ ଥାଏ ଯେ, "ଅନନ୍ତର ଆଦମ ଆପଣା ଭାର୍ଯ୍ୟାର ନାମ ହବା ଦେଲେ, ଯେହେତୁ ସେ ଜୀବିତ ସକଳର ମାତା ହେଲେ ।" ତଥାପି ଧର୍ମଶାସ୍ତ୍ରର କୌଣସି ସ୍ଥାନରେ ଏପରି କୁହାଯାଇ ନାହିଁ ଯେ ଆଦମ ଜୀବିତ ସକଳର ପିତା ହେଲେ ବୋଲି । ଯଦି ଏହାର ଉପରେ ଆଦି ପୁସ୍ତକ ୩ : ୨୦ ପଦରେ କିଛି ସେପରି ବ୍ୟାଖ୍ୟାକୁ ଲିପିବଦ୍ଧ କରଯାଇ ନାହିଁ, ତେବେ ହବା ଯେ ଜୀବିତ ସକଳର ମାତା ହେଲେ ସେପରି ଏକ ବିଷୟକୁ କାହିଁକି ଲେଖାଯାଇ ଥିଲା, କିନ୍ତୁ ଆଦମଙ୍କ ବିଷୟରେ କିଛି ହେଲେ ଲିଖିତ ହୋଇ ନ ଥିଲା ? ସତ୍ୟ-କଥାଟି ଏହି ଯେ ହବା ସମସ୍ତ ଜୀବିତଙ୍କର ମାତା ହୋଇଥିଲେ, ମାତ୍ର ଆଦମ ତ ସକଳ ଜୀବିତମାନଙ୍କର ପିତା ନ ଥିଲେ ।

ଆଦି ପୁସ୍ତକ ୪ : ୧ ପଦରେ, ହବା କହିଥିଲେ, "ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି ।" ସେ ଆଦମଙ୍କୁ କୟିନଙ୍କର ପିତୃତ୍ୱ (fatherhood)ର ଗୌରବକୁ ପ୍ରଦାନ କରି ନ ଥିଲେ । କିନ୍ତୁ ଆଦି ପୁସ୍ତକ ୪ : ୨୫ ପଦ କହିଥାଏ ଯେ, "......ଯେହେତୁ ସେ (ହବା) କହିଲେ; ପରମେଶ୍ୱର **ହେବଲର ପ୍ରତିନିଧିରୂପେ ଆଉ ଗୋଟିଏ** ପୁତ୍ର ମୋତେ **ଦେଇ ଅଛନ୍ତି** — ଆଉ ତାହା **ଖ୍ରୀଷ୍ଟ** ହିଁ ଥିଲେ, ଯେହେତୁ ସେ **ଦତ୍ତ ହୋଇଥିଲେ** । ଏହି ପୁତ୍ର ଜଣକ, ଅର୍ଥାତ ଶେଥ, ହେବଲଙ୍କ ପ୍ରତିନିଧି ରୂପେ **ଦତ୍ତ** ହୋଇଥିଲେ ।



କେବଳ ଈଶ୍ୱର ତାହା ଦେଖିଥିଲେ । ମନୁଷ୍ୟ ଅତି ଚଲାକ୍ ଅଟେ ଆଉ ପଶୁର ସହିତ ମନୁଷ୍ୟର ସମ୍ପର୍କ ରହିଥିବା ବିଷୟକୁ ସେ ବୁଝିପାରି ଥିଲା, ଆଉ ସେ ଏହାକୁ କ୍ରମବିକାଶ (Evolution) ଦ୍ୱାରା ପ୍ରମାଣିତ କରିବାକୁ ଚେଷ୍ଟା କରିଥାଏ । କ୍ରମବିକାଶ ବୋଲି ସେପରି କିଛି ବିଷୟ ନାହିଁ । କିନ୍ତୁ ମନୁଷ୍ୟ ଏବଂ ପଶୁଙ୍କ ମଧ୍ୟରେ ମିଶ୍ରଣ ଘଟିଥିଲା । ତାହା ହିଁ ଈଶ୍ୱରଙ୍କ ନିଗୂଢତତ୍ତ୍ୱ ଗୁଡ଼ିକର ମଧ୍ୟରୁ ଅନ୍ୟତମ ଅଟେ ଯାହା କି ଅଦ୍ୟାବଧି ଗୁପ୍ତ ଭାବରେ ରହିଥିଲା; ମାତ୍ର ଏଠାରେ ତାହା ପ୍ରକାଶିତ ହୋଇଅଛି । ଏହା ଠିକ୍ ସେହି ସ୍ଥାନରେ ଏଦନ ଉଦ୍ୟାନର ମଧ୍ୟରେ ଘଟିଥିଲା ଯେତେବେଳେ କି ମୃତ୍ୟୁକୁ ବରଣ କରିବା ନିମନ୍ତେ ହବା ଜୀବନରୁ ଦୂରେଇ ଯାଇଥିଲେ ।

ଉଦ୍ୟାନଟିର ମଧ୍ୟରେ ପରମେଶ୍ୱର ଯେ ସେମାନଙ୍କୁ କଅଣ କହିଥିଲେ, ତାହାକୁ ଧ୍ୟାନ ଦିଅନ୍ତୁ । ଆଦିପୁସ୍ତକ ୩ : ୧୫ ପଦରେ, "ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ ପୁଣି ତୁମ୍ଭ ବଂଶ ଓ ତାହା ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା, ସେ ତୁମ୍ଭର ମସ୍ତକକୁ ଆଘାତ କରିବ, ଆଉ ତୁମ୍ଭେ ତାହାର ଗୋଇଠିକି ଆଘାତ କରିବ ।" ନାରୀର ଏକ ବଂଶ ରହିଥିଲା ବୋଲି କହି ଯଦି ବାକ୍ୟକୁ ଆମ୍ଭେମାନେ ମାନ୍ୟତା ପ୍ରଦାନ କରିଥାଉ ତେବେ ସର୍ପର ମଧ୍ୟ ବଂଶ ଅବଶ୍ୟ ରହିଥିଲା ବୋଲି ଆମ୍ଭେମାନେ ମାନ୍ୟତା ନିଶ୍ଚିତ ରୂପେ ଦେବୁ । ଯଦି ସ୍ତ୍ରୀର ବଂଶରେ ମନୁଷ୍ୟର ସନ୍ତାନ, ବିନା କୌଣସି ମନୁଷ୍ୟର ସମ୍ପର୍କରୁ ଉତ୍ପନ୍ନ ହେବା ସମ୍ଭବପର ହୋଇପାରି ଥିଲା, ତେବେ ସର୍ପର ବଂଶରେ ମଧ୍ୟ ସେହିପରି ଅବଶ୍ୟ ଘଟିବ ଅର୍ଥାତ୍ କୌଣସି ମନୁଷ୍ୟର ସମ୍ପର୍କ ବିନା ସର୍ପର ସନ୍ତାନ ମଧ୍ୟ ମନୁଷ୍ୟର ବ୍ୟବହାରିକ କ୍ଷମତା ଅଧିକାର କରିବାଟା ନିଶ୍ଚିତ ଅଟେ । ଧର୍ମଶାସ୍ତ୍ରର ଯେ କେହି ଅଭିଜ୍ଞ ପଣ୍ଡିତ ଅସମ୍ମତ ନୁହେଁ ଯେ ସ୍ତ୍ରୀର ବଂଶ 'ମସୀହ' (ଯୀଶୁ ଖ୍ରୀଷ୍ଟ — ଅନୁବାଦକ) ଥିଲେ ଯିଏ କି ସ୍ତ୍ରୀ ପୁରୁଷ ସଙ୍ଗମ ବିନା ଈଶ୍ୱରଙ୍କ ନିଜସ୍ୱ ସାଧନ ଅନୁସାରେ ଜନ୍ମଗ୍ରହଣ କରିଥିଲେ । ସମସ୍ତେ ଏହା ମଧ୍ୟ ଜାଣନ୍ତି ଯେ 'ସର୍ପର ମୁଣ୍ଡକୁ ଆଘାତ କରିବା' ବାକ୍ୟର ଅଂଶଟି ଏକ ଭବବାଣୀ

ଥିଲା ଯାହାକୁ ଶୟତାନର ବିରୁଦ୍ଧରେ ମସୀହଙ୍କୁ କ୍ରୁଶ ଉପରେ ଜୀବନ ବିସର୍ଜନ କରିବା ଦ୍ୱାରା ସଫଳ କରିବାକୁ ଥିଲା । କ୍ରୁଶ ଉପରେ ମସୀହଙ୍କୁ ଶୟତାନର ମୁଣ୍ଡକୁ ଅଘାତ କରିବାକୁ ଥିଲା ଯେତେବେଳେ ଶୟତାନକୁ ପ୍ରଭୁଙ୍କର ଗୋଇଠିକୁ ଆଘାତ କରିବାକୁ ଥିଲା ।

ଶୟତାନର ବାସ୍ତବ ବୀଜଟି କିପରି ଭବରେ ପୃଥିବୀରେ ବପନ କରଯାଇ ଥିଲା, ଧର୍ମଶାସ୍ତ୍ରର ଏହି ଅଂଶଟି ତାହାର ଏକ ପ୍ରକାଶନ ଅଟେ, ଏପରି କି ଲୂକ ୧ : ୨୬ - ୩୫ ପଦଗୁଡକର ମଧ୍ୟରେ ଅମ୍ଭେ-ମାନେ ଠିକ୍ ଠିକ୍ ବିବରଣୀଗୁଡକୁ ପାଇଥାଉ, ଯେ କିପରି ଭବରେ ମାନବୀୟ ସାଧନ କିମ୍ବା ସଙ୍ଗମ ବିନା ସ୍ତ୍ରୀର ବଂଶଟି ମାନବ ଶରୀରରେ ପ୍ରଘଟ .ହୋଇଥିଲେ "ପରେ ଷଷ୍ଠ ମାସରେ ଗାବ୍ରୀୟେଲ ଦୂତ ଈଶ୍ୱରଙ୍କ ନିକଟରୁ ଗାଲିଲୀର ନାଜରିତ ନାମକ ନଗରକୁ ଜଣେ କନ୍ୟା ନିକଟକୁ ପ୍ରେରିତ ହେଲେ, ଦାଉଦଙ୍କ ବଂଶର ଯୋଷେଫ ନାମକ ଜଣେ ପୁରୁଷଙ୍କ ସହିତ ତାହାଙ୍କର ବିବାହ ନିର୍ବନ୍ଧ ହୋଇଥିଲା; ସେହି କନ୍ୟାଙ୍କ ନାମ ମରିୟମ । ସେ ଗୃହରେ ପ୍ରବେଶ କରି ତାହାଙ୍କ ନିକଟକୁ ଆସି କହିଲେ, ଅଗୋ ଅନୁଗ୍ରହପାତ୍ରୀ, ତୁମ୍ଭର ମଙ୍ଗଳ ହେଉ, ପ୍ରଭୁ ତୁମ୍ଭର ସହବର୍ତ୍ତୀ । କିନ୍ତୁ ସେ ଏହି ବାକ୍ୟରେ ଅତିଶୟ ଉଦ୍‌ବିଗ୍ନ ହୋଇ ଏହା କି ପ୍ରକାର ସମ୍ଭାଷଣ ବୋଲି ମନରେ ଆନ୍ଦୋଳନ କରିବାକୁ ଲାଗିଲେ । ସେଥିରେ ଦୂତ ତାହାଙ୍କୁ କହିଲେ, ଅଗୋ ମରିୟମ, ଭୟ କର ନାହିଁ, କାରଣ ତୁମ୍ଭେ ଈଶ୍ୱରଙ୍କ ଛାମୁରେ ଅନୁଗ୍ରହ ପ୍ରାପ୍ତ ହୋଇଅଛ । ଅଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ । ସେ ମହାନ୍ ହେବେ ଓ ପରମ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ, ପ୍ରଭୁ ଈଶ୍ୱର, ତାହାଙ୍କୁ ତାହାଙ୍କ ପିତା ଦାଉଦଙ୍କ ସିଂହାସନ ଦାନ କରିବେ, ସେ ଯାକୁବ ବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ କରିବେ, ପୁଣି ତାହାଙ୍କ ରାଜ୍ୟର ଶେଷ ହେବନାହିଁ । କିନ୍ତୁ ମରିୟମ ଦୂତଙ୍କୁ କହିଲେ ଏହା କିପରି ହେବ ? ମୁଁ ତ ପୁରୁଷକୁ ଜାଣେ ନାହିଁ । ଦୂତ ତାହାଙ୍କୁ ଉତ୍ତର ଦେଲେ, ପରମ୍ପରଙ୍କ ଶକ୍ତି ତୁମ୍ଭକୁ ଆଚ୍ଛାଦିବେ, ଏଣୁ ଯେ



ହୋଇଥାନ୍ତେ ଯେହେତୁ ପୁନଃଉତ୍ପନର ବ୍ୟବସ୍ଥାଟି ସୁନିର୍ଦ୍ଦିଷ୍ଟ ରୂପେ ଏହା ଅଟେ ଯେ ପ୍ରତ୍ୟେକେ ଆପଣାର ସ୍ୱଜାତୀୟ ବୀଜକୁ ଉତ୍ପନ୍ନ କରିବେ । ଅମ୍ଭେମାନେ ସେହି ସତ୍ୟତାକୁ ମଧ୍ୟ ମାନ୍ୟତା ଦେଇଥାଉ ଯେହେତୁ ଆଦି ପୁସ୍ତକରେ ତଥା ଲୂକରେ ଏହି ଦୁଇଟିଯାକ ବଂଶାବଳୀରେ, କୟିନଙ୍କ ନାମ ମିଳି ନ ଥାଏ । ଅଉ କୟିନ ଯଦି ଆଦମଙ୍କର ସନ୍ତାନ ଥିଲେ ତେବେ ଯେ କୌଣସି ସ୍ଥାନରେ ତାଙ୍କର ନାମଟି ଅବଶ୍ୟ ଲିଖିତ ହୋଇଥାନ୍ତା ଯେ, "କୟିନ ଆଦମଙ୍କର ପୁତ୍ର ଥିଲେ" ଯିଏ କି (ଆଦମ) ପରମେଶ୍ୱରଙ୍କ ପୁତ୍ର ଥିଲେ । ଏହା ସେପରି କହି ନ ଥାଏ ଯେହେତୁ ଏହା **ସେପରି କହିପାରେ ନାହିଁ** ।

ଅବଶ୍ୟ ବିଦ୍ୟାର୍ଥୀଗଣ ଦୀର୍ଘଦିନ ଧରି ମନୁଷ୍ୟ ଜାତି ମଧ୍ୟରେ ଦୁଇଟି ଭିନ୍ନ ବଂଶଧରର କଥାକୁ ମାନି ଆସିଅଛନ୍ତି : ସେଗୁଡକର ମଧ୍ୟରୁ ଗୋଟିଏ ଉତ୍ତମ ଧରଣର ବଂଶ ଅଟେ ଯାହା କି ଶେଥଙ୍କ ଔରସରେ ରହିଥିଲା ଅଉ ଅନ୍ୟଟି ପାପିଷ୍ଠ ବଂଶ ଅଟେ ଯାହା କି କୟିନଙ୍କ ଔରସରେ ରହିଥିଲା । ଅଉ ଏହା ଅତି ଅଦ୍ଭୁତ ଧରଣର ଅଟେ, ତଥାପି ଏହି ବିଦ୍ୟାର୍ଥୀଗଣ ଆମ୍ଭମାନଙ୍କୁ କଦାପି କହି ନାହାନ୍ତି ଯେ କୟିନ ଏକ ଦୁଷ୍ଟ ପ୍ରକୃତିର ବ୍ୟକ୍ତି କିପରି ହୋଇପାରି ଥିଲେ ଯେତେବେଳେ କି ହେବଲ ଓ ଶେଥ ଆତ୍ମିକ ସ୍ୱଭାବର ବ୍ୟକ୍ତିଗଣ ଥିଲେ, ତଥା ଧାର୍ମିକ ଥିଲେ । ସାଧାରଣତଃ, କୟିନଙ୍କୁ ଅଧିକ ଆତ୍ମିକମନା ବ୍ୟକ୍ତିଟିଏ ହେବାକଥା ଥିଲା ଅଉ ହେବଲଙ୍କୁ କମ୍ ଆଧ୍ୟାତ୍ମିକମନା ହେବାକୁ ଥିଲା, ଅଉ ଶେଥଙ୍କୁ ତ ଆହୁରି କମ୍ ହେବାକୁ ଥିଲା, ଅଉ ସେହିପରି ଭବରେ ପରକୁପର ଆସିଥିବା ବଂଶଧରଙ୍କୁ ମଧ୍ୟ ଅଧିକ ନିସ୍ତେଜ ଧରଣର ହେବାକୁ ଥିଲା ଯେହେତୁ ପ୍ରତିଟି ବଂଶଧର ଈଶ୍ୱରଙ୍କଠାରୁ ଆହୁରି ଅଧିକ ଦୂରକୁ ଚାଲିଯାଇ ଥିଲେ । ମାତ୍ର ନୁହେଁ, କୟିନ ତ ଏପରି ଭବରେ ଦୁଷ୍ଟ ପ୍ରକୃତିର ବ୍ୟକ୍ତିଟିଏ ହୋଇ ଉତ୍ପନ୍ନ ହୋଇଥିଲେ ଯେ ତାଙ୍କ ପରି ଅସଦାଚରଣ ପ୍ରକୃତିର ଅନ୍ୟ କେହି ନ ଥିଲେ, କାରଣ ତାଙ୍କ ବିଷୟରେ ଏପରି

କରିବା ନିମନ୍ତେ ସେ ଇଚ୍ଛୁକ ଥିଲେ । ସେ ତାଙ୍କୁ ତ୍ୟାଗ କରିବାକୁ ଚାହିଁ ନ ଥିଲେ । ସେହି ହେତୁରୁ ହବା ତାଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ । ସେ ସେପରି ହେବେ ବୋଲି ତାଙ୍କୁ (ଆଦମଙ୍କୁ) ଜଣା ଥିଲା । ମନୁଷ୍ୟ ଜାତି ପ୍ରତି କିପରି ଘଟଣା ଯେ ଘଟିବ ତାହାକୁ ସେ ଜାଣିଥିଲେ, ଆଉ ସେ ପାପର ଅଧିନରେ ମନୁଷ୍ୟ ଜାତିକୁ ବିକ୍ରୟ କରିଦେଇ ଥିଲେ ଯେପରି କି ସେ ହବାଙ୍କୁ ପାଇ ପାରନ୍ତି, କାରଣ ସେ ତାଙ୍କୁ ସ୍ନେହ କରୁଥିଲେ ।

ଆଉ ସେହି ହେତୁରୁ ସେହି ଦୁଇଜଣ ପୁତ୍ରସନ୍ତାନ ଜାତ ହୋଇ ଥିଲେ । ଯେଉଁମାନେ କି ମନୁଷ୍ୟ ଜାତିର ମୂଳ ପୁରୁଷ ରୂପେ ବିବେଚିତ ହେବାକୁ ଥିଲେ ଏବଂ ଏତେବେଳେ ମଧ୍ୟ ପାପୀ ଅଟନ୍ତି । ଆଉ ସେମାନଙ୍କ ବିଷୟରେ ବାକ୍ୟ କଣ କହିଥାଏ ? ଯିହୁଦା ୧୪ ପଦରେ ଲିଖିତ ଥିବା ବାକ୍ୟଟିକୁ ପାଠ କରନ୍ତୁ, "ଆଦମଙ୍କଠାରୁ ସପ୍ତମ ପୁରୁଷ ଯେ ହନୋକ ଥିଲେ, ଭବବାଣୀ କରିଥିଲେ......" ଆଦି ପୁସ୍ତକ ୫ମ ପର୍ବଟି ହନୋକଙ୍କ ବଂଶଧରର ବିବରଣୀ ଅଟେ । ଏହା ଏହିପରି ଭବରେ ବଂଶଧରର ବିବରଣୀକୁ ପ୍ରଦାନ କରିଥାଏ, ୧- ଆଦମ, ୨ -ସେଥ, ୩- ଇନୋଶ, ୪- କୟିନାନ, ୫- ମହଲଲେଲ, ୬- ଯେରଦ, ୭- ହନୋକ । କୟିନଙ୍କ ନାମ ଯେ ଦିଆଯାଇ ନାହିଁ ଏହାକୁ ଧ୍ୟାନ ଦିଅନ୍ତୁ । ଶେଥଙ୍କ ବଂଶଧରରୁ ଆଦମଙ୍କ ବଂଶଟି ପରିଚୟକୁ ଆସିଥିଲା । କୟିନ ଯଦି ଆଦମଙ୍କର ସନ୍ତାନ ହୋଇଥାନ୍ତେ, ତେବେ ବଂଶଧରର ବିବରଣୀ ମଧ୍ୟରେ କୟିନଙ୍କ ନାମାଂକିତ କରିବାର ଅଧିକାରଟି ତାଙ୍କର ରହିଥାନ୍ତା । ଆହୁରି ମଧ୍ୟ ଏହାକୁ ଯତ୍ନ ପୂର୍ବକ ଆଦି ପୁସ୍ତକ ୫ : ୩ ପଦରେ ଲକ୍ଷ୍ୟ କରନ୍ତୁ, ଏହା ଏପରି କହିଥାଏ ଯେ, "ଆଦମ ୧୩୦ ବର୍ଷ ବୟସରେ, ଆପଣା ସଦୃଶ ଓ ପ୍ରତିମୂର୍ତ୍ତିରେ ଏକ ପୁତ୍ର ଜାତ କରି ତାହାର ନାମ ଶେଥ ଦେଲେ ।" କୌଣସି ସ୍ଥାନରେ ଏପରି କୁହାଯାଇ ନାହିଁ ଯେ କୟିନ ଆଦମଙ୍କର ପୁତ୍ର ଥିଲେ ବୋଲି, ତଥାପି ସେ ଯଦି ତାଙ୍କର ପୁତ୍ର ହୋଇଥାନ୍ତେ ତେବେ ସେ ମଧ୍ୟ ତାଙ୍କର ସଦୃଶ ଓ ପ୍ରତିମୂର୍ତ୍ତିରେ



ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ । ଯେପରି, ପରମେଶ୍ୱର ସ୍ୱୟଂ ଆପଣାକୁ ସ୍ତ୍ରୀର ବଂଶ ରୂପେ ମାନବ ରୂପରେ ପ୍ରଘଟ କରିଥିଲେ, ଠିକ୍ ସେହିପରି ଭବରେ ଶୟତାନ ଆପଣା ବୀଜ ଅଥବା ବଂଶକୁ ପ୍ରୟୋଗ କରି ସ୍ତ୍ରୀ ଦ୍ୱାରା ଆପଣାର ବଂଶକୁ ମନୁଷ୍ୟମାନଙ୍କ ମଧ୍ୟରେ ମିଶ୍ରିତ କରିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରିଥିଲା । ଶୟତାନ, (ଏକ ସୃଷ୍ଟ ଆତ୍ମା) ପକ୍ଷରେ ପ୍ରଭୁ ପରମେଶ୍ୱରଙ୍କ ପରି ଆପଣାକୁ ଉତ୍ପନ୍ନ କରଇବାକୁ କିମ୍ବା ପୁନଃ-ଉତ୍ପନ୍ନ କରିବା ସମ୍ଭବପର ନ ଥିଲା, ତେଣୁ ଆଦିପୁସ୍ତକରେ ବର୍ଣ୍ଣନା କରଯାଇ ଅଛି ଶୟତାନ କିପରି ଭବରେ ନିଜର ବୀଜଟିକୁ ହବାଙ୍କ ଦ୍ୱାରା ମାନବ ଜାତିର ମଧ୍ୟରେ ସ୍ଥାପନ କରି ଦେଇ ଥିଲା । ମନେ ରଖନ୍ତୁ ଶୟତାନକୁ 'ସର୍ପ' ବୋଲି ସମ୍ବୋଧନ କରଯାଇ ଅଛି, କିନ୍ତୁ ଏହାର ଅଭିପ୍ରାୟଟି ଶୟତାନର ବୀଜ କିମ୍ବା ତାହାର ଅନ୍ତଃକ୍ଷେପଣର ପ୍ରଣାଳୀଟି ମାନବ ଜାତିର ମଧ୍ୟରେ ସ୍ଥାପନ କରିବାର ସମ୍ବନ୍ଧରେ ନୁହେଁ ।

ଆଦମ ଓ ହବାଙ୍କ ମଧ୍ୟରେ ସମ୍ଭୋଗର ଜ୍ଞାନଟି ଉଦୟ ହେବାର ଅନେକ ପୂର୍ବରୁ କିମ୍ବା ଜାଗତୀକ ରୂପେ ସେ ଏହାକୁ ବୁଝି-ପାରିବା ପୂର୍ବରୁ, ଶୟତାନ ସେହି ଜ୍ଞାନ ଆହରଣ କରିସାରି ଥିଲା, ଆଉ ତାହର ଔରସରୁ ଜାତ ସନ୍ତାନ କଇନ ଥିଲେ, ଆଉ ସେ ହିଁ ସେହି "ଦୁଷ୍ଟ"ଠାରୁ ଜାତ (ଉତ୍ପନ୍ନ) ହୋଇଥିଲେ । ୧ମ ଯୋହନ ୩ : ୧୨ ପଦଟି ଏହା ହିଁ କହିଥାଏ । ଯୋହନଙ୍କ ମଧ୍ୟରେ ଥାଇ ପବିତ୍ର ଆତ୍ମା ଥରେ ହେଲେ କୌଣସି ସ୍ଥାନରେ ଆଦମଙ୍କୁ "ପାପାତ୍ମା" ଠାରୁ ଥିଲେ ବୋଲି କହି ନାହାନ୍ତି (ଯେବେ ସେ ଯଦି କଇନଙ୍କର ଜନ୍ମିତ ପିତା ହୋଇଥାନ୍ତେ ତେବେ ତାଙ୍କୁ ସେପରି କୁହାଯାଇ ଥାନ୍ତା) ବରଂ ଅନ୍ୟ ଏକ ସ୍ଥାନରେ ଲୂକ ୩ : ୩୮ ପଦରେ ଆଦମଙ୍କୁ "ଈଶ୍ୱରଙ୍କ ପୁତ୍ର" ବୋଲି କୁହାଯାଇ ଅଛି, କାରଣ ସେ ଜନ୍ମରୁ ସେପରି ଥିଲେ । କୟିନ ଆପଣା ପିତାର ଚରିତ୍ରରେ ଆଧାରିତ ଥିଲେ, ମୃତ୍ୟୁର ଉତ୍ପାଦକ ଥିଲେ; ଆଉ ଜଣେ ନରହତ୍ୟାକାରୀ ମଧ୍ୟ ଥିଲେ ।

ପରମେଶ୍ୱରଙ୍କ ପ୍ରତି ତାଙ୍କର ଅତ୍ୟନ୍ତ ଆକ୍ରୋଶ ମୂଳକ ଏବଂ ଅହ୍ୱାନ ପ୍ରଦାନକାରୀ ମନ୍ଦ ବ୍ୟବହାର ଥିଲା, ଯାହାର ବିବରଣୀ ଆମ୍ଭେମାନେ ଆଦି ପୁସ୍ତକ ୪ : ୫, ୯, ୧୩ ଓ ୧୪ ପଦଗୁଡିକ ମଧ୍ୟରେ ପାଇଥାଉ । ଏଗୁଡିକ ତାଙ୍କ ମାନବୀୟ ଚରିତ୍ରର ଏପରି ଉଦାହରଣମାନ ଅଟେ ଯାହା ପବିତ୍ର ଶାସ୍ତ୍ରର ଅନ୍ୟ କୌଣସି ବ୍ୟକ୍ତିଙ୍କ ସହିତରେ ମିଳି ନ ଥାଏ । ଶୟତାନ ସର୍ବଶକ୍ତିମାନ ଈଶ୍ୱରଙ୍କ ସାମନା ଏପରି ଭବରେ କରିଥିଲା, କିନ୍ତୁ କୟିନ ଏବଂ ତାଙ୍କର ବଳିଦାନଟିକୁ ସେ ଗ୍ରହଣ କରି ନ ଥିଲେ, ଆଉ ସେଥିପାଇଁ କୟିନ କ୍ରୋଧିତ ହୋଇ ଉଠିଥିଲେ ଏବଂ ତାଙ୍କର ମୁଖମଣ୍ଡଳ ଦୁଃଖରେ ଭରିଯାଇ ଥିଲା । ସେତେବେଳେ ଯିହୋବା କୟିନଙ୍କୁ କହିଥିଲେ, ତୁମ୍ଭେ କାହିଁକି କ୍ରୋଧ କରୁଅଛ ? ଆଉ କାହିଁକି ଅଧୋମୁଖ ହେଉଅଛ ? ସତ୍କର୍ମ କଲେ କି ତୁମ୍ଭେ ଉର୍ଦ୍ଧ୍ୱମୁଖ ହେବନାହିଁ ଆଉ ତୁମ୍ଭର ବଳିଦାନ ଗ୍ରହଣ କରାଯିବ ନାହିଁ କି ? ......ଅନନ୍ତର ସଦାପ୍ରଭୁ କୟିନଙ୍କୁ ପଚାରିଲେ, ତୁମ୍ଭ ଭାଇ ହେବଲ କେଉଁଠାରେ ? ସେ କହିଲେ, ମୁଁ ଜାଣେ ନାହିଁ ମୁଁ କଅଣ ମୋ ଭାଇର ରକ୍ଷକ ? .........ଅନନ୍ତର କୟିନ ସଦାପ୍ରଭୁଙ୍କୁ କହିଲେ, ମୋହର ଦଣ୍ଡ ଅସହ୍ୟ । ଦେଖ, ତୁମ୍ଭେ ଆଜି ମୋତେ ଏ ସ୍ଥାନରୁ ତଡିଦେଲ, ତହିଁରେ ତୁମ୍ଭ ସମ୍ମୁଖରୁ ମୁଁ ଗୁପ୍ତ ହେବି, ଏହିରୂପେ ପୃଥିବୀରେ ପଳାତକ ଓ ଭ୍ରମଣକାରୀ ହେଲେ ଏମନ୍ତ ହେବ ଯେ, କୌଣସି ଲୋକ ମୋତେ ପାଇଲେ ବଧ କରିବ ।

ଧ୍ୟାନ ଦିଅନ୍ତୁ, ପରମେଶ୍ୱର କିପରି ଭବରେ କୟିନ, ହେବଲ ଓ ଶେଥଙ୍କ ଜନ୍ମ ବିବରଣୀ ଆଦି ପୁସ୍ତକରେ ସୂଚିତ କରିଛନ୍ତି । ଆଦି-ପୁସ୍ତକ ୪ : ୧ ପଦରେ, "ଅନନ୍ତର ଆଦମ ଆପଣା ଭାର୍ଯ୍ୟା ହବାଙ୍କର ସହବାସ କରନ୍ତେ ସେ ଗର୍ଭବତୀ ହୋଇ କୟିନ ନାମକ ଗୋଟିଏ ପୁତ୍ରକୁ ପ୍ରସବ କରି କହିଲେ, ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ **ନର** ଲାଭ ହୋଇଅଛି । ଏଥି ଉତ୍ତାରୁ ସେ ହେବଲ ନାମକ ତାହାର ସହୋଦରକୁ ପ୍ରସବ କଲେ ।" ଏହାପରେ ୨୫ ପଦଟିକୁ ଦେଖନ୍ତୁ, "ଏଥି ଉତ୍ତାରୁ ଆଦମ ପୁନଶ୍ଚ ଆପଣା ଭାର୍ଯ୍ୟାଙ୍କର ସହବାସ



ହବା ଭୋଜନ କରିଥିଲେ ଏହାକୁ ବୁଝନ୍ତେ । ବଂଶର ପ୍ରଣାଳୀକୁ ମିଶ୍ରଣ କରିଥିବା ଦ୍ୱାରା ଏହା ତ ମନୁଷ୍ୟ ଜାତିର ପାଇଁ ଏକ ସବୁଠାରୁ ବଳି ଅଧୋଃପତନର କାରଣ ଥିଲା ।

ମୁଁ ଜାଣେ ଯେ ଗୋଟିଏ ପ୍ରଶ୍ନକୁ ଉତ୍ତର ଦେଉଥିବା ସମୟରେ ଆଉ ଗୋଟିଏ ପ୍ରଶ୍ନ ଉତ୍ଥାପିତ ହୋଇଥାଏ, ଆଉ ଲୋକ-ମାନେ ମୋତେ ପଚାରିଥାନ୍ତି ଯେ, "ହବା ସେହିପରି ଭବରେ ଯଦି ପତିତ ହୋଇଥିଲେ, ତେବେ ଆଦମ କଣ କରିଥିଲେ, ଯେହେତୁ ଦୋଷଟିକୁ ତ ଈଶ୍ୱର ଆଦମଙ୍କ ଉପରେ ବର୍ତ୍ତାଇ ଥିଲେ ?" ତାହା ତ ଅତି ସହଜ ବିଷୟଟି ଅଟେ । ପରମେଶ୍ୱରଙ୍କ ବାକ୍ୟଟି ତ ଯୁଗ ଯୁଗ ଧରି ସ୍ୱର୍ଗରେ ସ୍ଥିରୀକୃତ କରାଯାଇ ଥିଲା । ଏଥିପୂର୍ବେ କି ଧୂଳିକଣାଟିଏ ସୃଷ୍ଟି ହୋଇଥିଲା, **ସେହି ବାକ୍ୟଟି ଯାହା କି ଈଶ୍ୱରଙ୍କ ବ୍ୟବସ୍ଥାଟି ଅଟେ ତାହା ତ ସେହି ସ୍ଥାନରେ ବିଦ୍ୟମାନ ହୋଇ ରହିଥିଲା ଯାହାକୁ ଆମ୍ଭମାନଙ୍କ ପବିତ୍ର ଶାସ୍ତ୍ରରେ ଲେଖାଯାଇ ଅଛି ।** ଆମ୍ଭମାନଙ୍କ ଧର୍ମଶାସ୍ତ୍ରଟି ଶିକ୍ଷା ଦେଇଥାଏ ଯେ କେହି ଜଣେ ସ୍ତ୍ରୀ ଆପଣାର ପତିଙ୍କୁ ଯଦି ତ୍ୟାଗ କରିଥାଏ ଆଉ ଅନ୍ୟ ଜଣେ ପୁରୁଷଙ୍କ ସହିତ ଚାଲିଯାଇ ଥାଏ, ତେବେ ସେ ଜଣେ ବ୍ୟଭିଚାରିଣୀ ଅଟେ ଆଉ ସେ କୌଣସି ପ୍ରକାରେ ବିବାହିତା ହୋଇ ନ ପାରେ ଆଉ ତାହାର ପତି ତାକୁ ପୁନଶ୍ଚ ଗ୍ରହଣ କରି ପାରନ୍ତି ନାହିଁ । ସେହି ବାକ୍ୟଟି ତ ଏଦନ ଉଦ୍ୟାନରେ ସତ୍ୟ ବୋଲି ବିବେଚନା କରାଯାଇ ଥିଲା ଯେପରି କି ମୋଶା ବ୍ୟବସ୍ଥାକୁ ଯେତେବେଳେ ଲେଖିଥିଲେ ସେତେବେଳେ ମଧ୍ୟ ଠିକ୍ ସତ୍ୟ ବୋଲି ବିବେଚିତ ହୋଇଥିଲା । ବାକ୍ୟ ପରିବର୍ତ୍ତନ ହୋଇପାରେ ନାହିଁ । ଆଦମ ତାଙ୍କୁ ଗ୍ରହଣ କରିନେଇ ଥିଲେ । ସେ ଯେ କଣ କରୁଥିଲେ ତାହାକୁ ସେ ଭଲ ଭବରେ ବୁଝିଥିଲେ, ଏହାସତ୍ତ୍ୱେ ସେ ତାହାକୁ ଯେପରି ଭବରେ ହେଉ ନା କାହିଁକି କାର୍ଯ୍ୟକାରୀ କରିଥିଲେ । ସେ ତାଙ୍କ ମାଂସର ମାଂସ ଥିଲେ, ଆଉ ଆପଣା ଉପରେ ତାଙ୍କର ଦାୟିତ୍ୱ ଭାରକୁ ବହନ

ପଶୁ ଏବଂ ସର୍ପର ମନଷ୍ୟ ସହିତ ଏତେ ସାମଞ୍ଜସ୍ୟ ଥିଲା ଯେ ଶୟତାନ ତାହା ମଧ୍ୟରେ ପ୍ରବେଶ କରି ସେହି ପଶୁଟିର ମାଧ୍ୟମରେ ସେ ମାନବ ଶରୀରକୁ ଧାରଣ କରି ପାରିଥିଲା ଆଉ ପତନର ସୂତ୍ରପାତ କରିଥିଲା, ତଦ୍ୱାରା ସେ ଆପଣାକୁ ମନୁଷ୍ୟ ଜାତିର ମଧ୍ୟରେ ସ୍ଥାପନ କରି (inject) ପାରିଥିଲା, ଯେପରି କି ପରେ ଯୀଶୁ ଏକଦା ଆସି ଆପଣାକୁ ମାନବ ଶରୀରରେ ଆବିର୍ଭୂତ ହୋଇ ଏକ ପୁନରୁତ୍ଥାନକୁ ଅଗ୍ରଗତି ପ୍ରଦାନ କରିଥିଲେ । ଠିକ୍ ତାଙ୍କରି ପରି ଏକ ମହିମାନ୍ୱିତ ଶରୀରକୁ ଉପନୀତ କରିଥିଲେ ଯେପରି ଏକ ଶରୀରକୁ ଆମ୍ଭେମାନେ ଦିନେ ମଧ୍ୟ ଲାଭ କରିବୁ ।

ସୁତରାଂ, ଏହି ଉଦ୍ୟାନଟିର ମଧ୍ୟରେ ପରମେଶ୍ୱର ଯାହାକିଛି କର୍ତ୍ତବ୍ୟକୁ ସମ୍ପାଦନ କରିଥିଲେ ତାହା ତ ତାଙ୍କର ପୂର୍ବ ନିରୂପଣ ଯୋଜନାଟି ଥିଲା । ଆଉ ପରମେଶ୍ୱରଙ୍କ ଉଦ୍ଦେଶ୍ୟଟିର ନିମନ୍ତେ ଯାହା ପ୍ରକୃତରେ ଆବଶ୍ୟକୀୟ ବିଷୟଟି ଥିଲା, ତାହାକୁ ଶୟତାନ ଯେତେବେଳେ ପରିଚୟକୁ ଆଣିଥିଲା, ସେତେବେଳେ ମନୁଷ୍ୟ ଉଦ୍ୟାନ ମଧ୍ୟସ୍ଥିତ ଜୀବନ ବୃକ୍ଷର ନିକଟବର୍ତ୍ତୀ ହୋଇପାରି ନ ଥିଲା । ନିଶ୍ଚିତ ରୂପେ ନୁହେଁ । ତାହା ତ ଉପଯୁକ୍ତ ସମୟଟି ନ ଥିଲା । ତଥାପି ପଶୁଟିଏ ପତନଟିକୁ ପଶୁ ହିଁ ପରିଚିତ କରିଥିଲା, ସେପରି କରି ନ ଥିଲା କି ? ପଶୁ[illegible] ଜୀବନ (ରକ୍ତ)କୁ ଅର୍ପିତ ହେବାକୁ ଦିଅନ୍ତୁ) ଗ୍ରହଣ କରଯାଇ ଥିଲା ଆଉ ତାହାର ରକ୍ତ ପ୍ରବାହିତ ହୋଇଥିଲା ଆଉ ପରମେଶ୍ୱର ପୁନଶ୍ଚ ମନୁଷ୍ୟ ସହିତ ତପରେ ଯାଇ ସହଭାଗିତା ରଖିଥିଲେ । ତତ୍ପରେ ଏପରି ଏକ ଦିନ ମଧ୍ୟ ଏକଦା ଉପସ୍ଥିତ ହେବାକୁ ଥିଲା ଯେତେବେଳେ କି ଈଶ୍ୱରଙ୍କୁ ମାନବ ଶରୀରରେ ଆବିର୍ଭାବ ହେବାକୁ ଥିଲା, ଆଉ ଆପଣାର ବିନମ୍ରତାର ଗୁଣ ଦ୍ୱାରା ପତିତ ମାନବକୁ ତାଙ୍କୁ ପୁନର୍ମିଳନ କରିବାକୁ ଥିଲା ଆଉ ସେହି ଅନନ୍ତ ଜୀବନର ଅଂଶୀଦାର କରାଇବାକୁ ଥିଲା । କେବଳ ଥରେ ମାତ୍ର ଆପଣମାନେ ଏହାକୁ ଯଦି ବୁଝିପାଆନ୍ତୁ, ତେବେ ଆପଣମାନେ ସର୍ପର ବଂଶଟିକୁ ବୁଝିପାରନ୍ତେ ଆଉ ତାହା ଯେ କଦାପି ଏକ 'ଆତଫଳ' (apple) ନ ଥିଲା ଯାହାକୁ



କରନ୍ତେ ସେ ଏକ ପୁତ୍ର ପ୍ରସବ କରି ତାହାର ନାମ ଶେଥ ଦେଲେ; ଯେହେତୁ ସେ କହିଲେ, ……… ।" ଏହି ସ୍ଥାନରେ ଆମ୍ଭେମାନେ ଲକ୍ଷ୍ୟ କରିଥାଉ ଯେ, ଆଦମଙ୍କ ସହିତ ହବାଙ୍କର ଦୁଇଥର ସଙ୍ଗମ ଫଳରେ ତିନୋଟି ପୁତ୍ରସନ୍ତାନ ଜାତ ହୋଇଥିଲେ । ଯେହେତୁ ପବିତ୍ର ଶାସ୍ତ୍ର ପରମେଶ୍ୱରଙ୍କ ସତ୍ୟ ଏବଂ ସିଦ୍ଧ ବାକ୍ୟ ଅଟେ, ତେଣୁ ଏହା କୌଣସି ପ୍ରକାରେ ତ୍ରୁଟିପୂର୍ଣ୍ଣ ହୋଇ ନ ପାରେ, ବରଂ ସତ୍ୟ ପ୍ରକାଶନକୁ ବର୍ଣ୍ଣନା କରୁଥିବାର ଏକ ସାକ୍ଷୀ ଅଟେ । ଯେହେତୁ ଆଦମଙ୍କର ଦୁଇଥର ସମ୍ପର୍କ ଦ୍ୱାରା ତିନୋଟି ପୁତ୍ରସନ୍ତାନ ଜନ୍ମଗ୍ରହଣ କରିଥିଲେ, ତେଣୁ ଏହା ନିଶ୍ଚିତ ଯେ ସେମାନଙ୍କ ମଧ୍ୟରୁ ଜଣେ ଆଦମଙ୍କର ସନ୍ତାନ ନ ଥିଲେ । ଆମ୍ଭମାନଙ୍କୁ କିଛି ବିଶେଷ ସୂଚନା ଦେବା ନିମନ୍ତେ ପରମେଶ୍ୱର ଏହି ସମସ୍ତ ବିବରଣୀଗୁଡ଼କୁ ସଠିକ ରୂପେ ପ୍ରଦାନ କରିଥିଲେ । ହବା ତାଙ୍କ ଗର୍ଭରେ ଦୁଇଟି ପୃଥକ-ପୃଥକ ସମ୍ପର୍କରୁ ଦୁଇଟି (ଯାଆଁଳା) ଶିଶୁ ସନ୍ତାନ ଧାରଣ କରିଥିଲେ ଏହା ହିଁ ବାସ୍ତବିକ ସତ୍ୟ ଅଟେ । ସେ ଯାଆଁଳା ସନ୍ତାନ ଗର୍ଭରେ ଧାରଣ କରିଥିଲେ ଆଉ ହେବଲଙ୍କୁ ଗର୍ଭରେ ଧାରଣ କରିବା କିଛି ସମୟ ପୂର୍ବରୁ ହବା କଇନଙ୍କୁ ଗର୍ଭରେ ଧାରଣ କରିଥିଲେ । ଯାଆଁଳା ସନ୍ତାନ ଦ୍ୱୟଙ୍କ ପ୍ରତି ଧ୍ୟାନ ଦିଅନ୍ତୁ, ସେମାନେ ପରିପୂର୍ଣ୍ଣତା ଲାଭ କରିଥିଲେ । ଯଦି ଏହା ବିଶ୍ୱାସ ନ ହୁଏ ଚିକିତ୍ସା ବିଜ୍ଞାନକୁ ଅନୁଧ୍ୟାନ କଲେ ଦେଖିବେ ଉଦାହରଣର ଅଭାବ ନାହିଁ । ସମ୍ପୂର୍ଣ୍ଣ ରୂପେ ଭିନ୍ନ ଦୁଇ ପୁରୁଷଙ୍କ ସହିତ ଭିନ୍ନ ସମୟରେ ଏପରି କି କିଛି ଦିନର ବ୍ୟବଧାନର ସଙ୍ଗମ ଫଳରେ ମଧ୍ୟ ସ୍ତ୍ରୀମାନେ ଯାଆଁଳା ସନ୍ତାନ ଧାରଣ କରିବା ସମ୍ଭବ । କିଛିଦିନ ତଳର ଘଟଣାଟିଏ ସମଗ୍ର ବିଶ୍ୱରେ ଚାରିଆଡେ ଚର୍ଚ୍ଚାର ବିଷୟ ହୋଇଥିଲା ଯେ ଜଣେ ନରୱେ ମହିଳା ଆପଣା ପତିଙ୍କ ବିରୁଦ୍ଧରେ ନ୍ୟାୟାଳୟରେ ମକଦ୍ଦମା ଚଳାଇ ନିଜ ପାଇଁ ଏବଂ ନିଜର ଯାଆଁଳା ସନ୍ତାନମାନଙ୍କ ନିମନ୍ତେ ଭରଣ-ପୋଷଣ ଦାବି କରିଥିଲେ । ସେହି ଯାଆଁଳା ସନ୍ତାନମାନଙ୍କ ମଧ୍ୟରୁ ଗୋଟିଏ ଶ୍ୱେତ ବର୍ଣ୍ଣର ତଥା ଅନ୍ୟଟି କୃଷ୍ଣ ବର୍ଣ୍ଣର ଥିଲା । ସେହି ମହିଳା

ଜଣକ ସ୍ୱୀକାର କରିଥିଲେ ଯେ ଜଣେ ନିଗ୍ରୋ ବ୍ୟକ୍ତି ତାଙ୍କର ପ୍ରେମିକ ଥିଲେ ଏବଂ ଦୁଇଟିଯାକ ଗର୍ଭସଞ୍ଚାର ତିନି ସପ୍ତାହର ବ୍ୟବଧାନରେ ହୋଇଥିଲା । ୧୯୬୩ ମସିହାରେ, ବ୍ରୁମଣ୍ଟ, ଟେକ୍ସାସ୍‌ରେ ସେହିପରି ଅନ୍ୟ ଏକ ଘଟଣା ଘଟିଥିଲା, ଦୁଇଟିଯାକ ଗର୍ଭସଞ୍ଚାରରେ ଏତେ ଅଧିକ ଅନ୍ତର ଥିଲା ଯେ ମହିଳା ଜଣକ ପ୍ରଥମ ଶିଶୁଟିକୁ ଜନ୍ମ ଦେବା ସମୟରେ ପ୍ରାୟତଃ ମୃତ୍ୟୁବତ୍ ଅବସ୍ଥାକୁ ଚାଲିଯାଇଥିଲେ ।

ସେପରି କାହିଁକି ଘଟିଲା ? ଆଉ ଶୟତାନର ବଂଶକୁ ଏହିପରି ଭାବରେ ପ୍ରକାଶିତ ହେବାକୁ କାହିଁକି ମନସ୍ଥ କରି ରଖାଯାଇ ଥିଲା ? ମନୁଷ୍ୟ ଈଶ୍ୱରଙ୍କ ନିମନ୍ତେ ସୃଷ୍ଟି ହୋଇଥିଲା । ମନୁଷ୍ୟକୁ ଈଶ୍ୱରଙ୍କର ମନ୍ଦିର ସ୍ୱରୂପ ହୋଇ ରହିବାକୁ ଥିଲା । ଈଶ୍ୱରଂକର (ପବିତ୍ର ଆତ୍ମାଙ୍କର) ବିଶ୍ରାମସ୍ଥାନ ସ୍ୱରୂପେ ମନୁଷ୍ୟ ହିଁ ଥିଲା, ଈଶ୍ୱରଙ୍କର ମନ୍ଦିରଟି ଥିଲା । ପ୍ରେରିତ ୭ : ୪୬ - ୫୧ ପଦଗୁଡିକର ମଧ୍ୟରେ ଦେଖନ୍ତୁ, ଦାଉଦ ଈଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହପାତ୍ର ହୋଇ ଯାକୁବଙ୍କର ଈଶ୍ୱରଙ୍କ ନିମନ୍ତେ ଗୋଟିଏ ବାସସ୍ଥାନ ଆୟୋଜନ କରିବା ପାଇଁ ପ୍ରାର୍ଥନା କଲେ । କିନ୍ତୁ ଶଲୋମନ୍ ତାହାଙ୍କ ନିମନ୍ତେ ଗୋଟିଏ ଗୃହ ନିର୍ମାଣ କରିଥିଲେ । ତଥାପି ଯେ ପରାତ୍ପର, ସେ ହସ୍ତନିର୍ମିତ ଗୃହରେ ବାସ କରନ୍ତି ନାହିଁ, ଯେପରି କି ଭାବବାଦୀ କହନ୍ତି, "ସ୍ୱର୍ଗ ଆମ୍ଭର ସିଂହାସନ, ପୃଥିବୀ ଆମ୍ଭର ପାଦପୀଠ, ପ୍ରଭୁ କହନ୍ତି, ତୁମ୍ଭେ ଆମ୍ଭ ନିମନ୍ତେ କି ପ୍ରକାର ଗୃହ ନିର୍ମାଣ କରିବ ? କିମ୍ବା ଆମ୍ଭର ବିଶ୍ରାମ ସ୍ଥାନ କାହିଁ ? ଆମ୍ଭର ହସ୍ତ କଅଣ ଏହି ସମସ୍ତ ବିଷୟ ସୃଷ୍ଟି କରିନାହିଁ ?' ହେ ଶକ୍ତଗ୍ରୀବ ପୁଣି ଅସୁନ୍ନତି ହୃଦୟ ଓ କର୍ଣ୍ଣ ବିଶିଷ୍ଟ ଲୋକେ, ଆପଣମାନେ ସର୍ବଦା ପବିତ୍ର ଆତ୍ମାଙ୍କର ପ୍ରତିରୋଧ କରୁଅଛନ୍ତି; ଆପଣମାନଙ୍କର ପିତୃପୁରୁଷମାନେ ଯେପରି ଆପଣମାନେ ମଧ୍ୟ ସେପରି ।" ଏହି ସକଳ ପ୍ରକାରର ବିଷୟଗୁଡିକୁ ଶୟତାନ ପୂର୍ବରୁ ଜାଣିଅଛି । ଆଉ ଈଶ୍ୱରଙ୍କ ପରି ସେ ମଧ୍ୟ ମନୁଷ୍ୟର ମଧ୍ୟରେ ବାସ କରି ରହିବାକୁ ଚାହିଁଥାଏ । ମାତ୍ର ଈଶ୍ୱର ସେହି ଅଧିକାରଟିକୁ ନିଜ ନିମନ୍ତେ ସଂରକ୍ଷଣ କରି ରଖି ଅଛନ୍ତି । ଶୟତାନ ତାହା କରିପାରି ନ ଥାଏ । ଈଶ୍ୱର ହିଁ କେବଳ ମନୁଷ୍ୟ ଶରୀରରେ ଆବିର୍ଭାବ ହୋଇପାରି ଥାନ୍ତି । ଶୟତାନ ଆଦୌ ସେପରି



ନିମନ୍ତେ, ଉଦ୍ଧାରର ଏକ ମହତ ଯୋଜନା ଥିଲା । ଏହା ପାପରୁ ମୁକ୍ତିଲାଭ କରିବାର ଯୋଜନାଟି ଥିଲା ।

ତାଂକରି ଅନୁଗ୍ରହର ମହିମାକୁ ପ୍ରଶଂସା ଦେବା ଅଭିପ୍ରାୟରେ ଏହି ଯୋଜନାଟିକୁ ନିରୂପିତ ହୋଇ ରହିବାକୁ ଥିଲା । ଏହା ତ ପରିତ୍ରାଣର ଯୋଜନାଟି ଥିଲା । ବର୍ତ୍ତମାନ ଏହି କଥାକୁ ଅତି ଧ୍ୟାନ ପୂର୍ବକ ଶ୍ରବଣ କରନ୍ତୁ । "ପରମେଶ୍ୱର ଯେହେତୁ ଉଦ୍ଧାରକର୍ତ୍ତା ଅଟନ୍ତି : ତେଣୁ କରି ଏହା ଅତ୍ୟନ୍ତ ଆବଶ୍ୟକ ଥିଲା ଯେ ସେ ପୂର୍ବରୁ ଆପଣାର ନିମନ୍ତେ ଏକଜଣ ମନୁଷ୍ୟକୁ ନିର୍ବାଚନ କରନ୍ତି ଯାହାକୁ ଉଦ୍ଧାରର ଆବଶ୍ୟକ ରହିଥିବ ଆଉ ତାହାକୁ ସେ ଉଦ୍ଧାର ପ୍ରଦାନ କରି ଆପଣାର ଅସ୍ତିତ୍ୱର ତର୍କକୁ ଏବଂ ଏହାର ବାସ୍ତବିକତାର ଅନୁମାନକୁ ପ୍ରଦାନ କରି ପାରନ୍ତି ।" ତାହା ଶତ ପ୍ରତିଶତ ଠିକ୍ ଆଉ ଧର୍ମଶାସ୍ତ୍ରର ଅନେକ ସଂଖ୍ୟକ ସୂଚନାଗୁଡିକୁ ଧାରଣ କରିଥାଏ ଯେପରି କି ରୋମୀୟ ୧୧ : ୩୬ ପଦଟି ପ୍ରକାଶ କରିଥାଏ, "ତେଣୁ **ସମସ୍ତ ବିଷୟ** ତାହାଂକ ଠାରୁ, ତାହାଂକ ଦ୍ୱାରା ଓ ତାହାଂକ ନିମନ୍ତେ, ଯୁଗେ ଯୁଗେ **ଗୌରବ** ତାହାଂକର । ଆମେନ୍ ।" ଉଦ୍ୟାନ ମଧ୍ୟସ୍ଥିତ ସେହି ବୃକ୍ଷରୁ ଫଳକୁ ଭୋଜନ କରିବାକୁ ମନୁଷ୍ୟ ସିଧାସଳଖ ସକ୍ଷମ ହୋଇପାରି ନ ଥାନ୍ତା, ଯେହେତୁ ସେପରିସ୍ଥଳେ ଅନନ୍ତ ଜୀବନର ଏହି ବୃକ୍ଷଟିକୁ ସର୍ବପ୍ରଥମେ ଦେହଧାରୀ ହେବାକୁ ପଡିଥାନ୍ତା । କିନ୍ତୁ ପରମେଶ୍ୱର କ୍ରିୟାଶୀଳ ହେବା ପୂର୍ବରୁ ଜଣେ ପାପୀକୁ ଉଦ୍ଧାର ପ୍ରଦାନ କରନ୍ତି, ଯେହେତୁ ତାଙ୍କୁ ଜଣେ ପାପୀକୁ ଉତ୍‌ଥାନ କରିବାକୁ ଆଉ ଉଦ୍ଧାର କରିବାକୁ ପଡିଥାଏ । ମନୁଷ୍ୟକୁ ପତିତ ହେବାକୁ ହିଁ ଥିଲା । ସେହି ପତନଟି ଶୟତାନର ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିଲା, ତାହାକୁ ପତିତ ହେବା ନିମନ୍ତେ ଶରୀର ରୂପୀ ହେବାକୁ ହିଁ ଥିଲା । ଶୟତାନକୁ ମଧ୍ୟ ରକ୍ତ ମାଂସର ଶରୀର ଧାରଣ କରିବାକୁ ଥିଲା । ତଥାପି ପତିତଜନଙ୍କୁ ଉଦ୍ଧାର କରିବା ନିମନ୍ତେ ଖ୍ରୀଷ୍ଟ ଯେପରି ମାନବ ରୂପ ଧାରଣ କରିଥିଲେ ଶୟତାନ କିନ୍ତୁ ସେପରି ମାନବରୂପୀ ହୋଇପାରି ନ ଥିଲା । କିନ୍ତୁ

ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ; ଏହା ତାହାଙ୍କ ଅନୁଗ୍ରହର, ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି, ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରି ଅଛନ୍ତି । ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମାଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମାପ୍ରାପ୍ତ ହୋଇଅଛୁଁ । ସେହି ଅନୁଗ୍ରହ ସେ ସମସ୍ତ ପ୍ରକାର ଜ୍ଞାନ ଓ ବୁଦ୍ଧି ଦେଇ ଆମ୍ଭମାନଙ୍କ ପ୍ରତି ପ୍ରଚୁର କରି ଅଛନ୍ତି । ପୂର୍ବରୁ ସଂକଳ୍ପ କରିଥିବା ଆପଣା ମଙ୍ଗଳମୟ ଇଚ୍ଛାନୁସାରେ ସେ ଆମ୍ଭମାନଙ୍କୁ ଆପଣା ଇଚ୍ଛାର ନିଗୂଢ଼ତତ୍ତ୍ୱ ଜ୍ଞାତ କରାଇ ଅଛନ୍ତି, ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକିଭୂତ କରିବେ । ତାହାଙ୍କଠାରେ ମଧ୍ୟ ଆମ୍ଭେମାନେ ଅଧିକାର ସ୍ୱରୂପ ହୋଇଅଛୁଁ, ଯେଣୁ ଯେଉଁ ଈଶ୍ୱର ଆପଣା ଇଚ୍ଛାର ସଙ୍କଳ୍ପାନୁସାରେ ସମସ୍ତ ବିଷୟ ସାଧନ କରନ୍ତି, ତାହାଂକ ଅଭିପ୍ରାୟ ଅନୁସାରେ ଆମ୍ଭେମାନେ ପୂର୍ବରୁ ନିରୂପିତ ହେଲୁଁ ।" ପ୍ରକାଶିତ ବାକ୍ୟ ୧୩ : ୮ ପଦରେ ମଧ୍ୟ ଲିଖିତ ହୋଇଅଛି ଯେ, "ଯେଉଁମାନଂକର ନାମ ଜଗତର ପତ୍ତନାବଧି ବଳିକୃତ ମେଷଶାବକଂକର ଜୀବନ ପୁସ୍ତକରେ ଲିଖିତ ହୋଇନାହିଁ, ପୃଥିବୀ ନିବାସୀ ସେହି ସମସ୍ତ ଲୋକ ତାହାକୁ ପ୍ରଣାମ କରିବେ ।" ତଥାପି ପରମେଶ୍ୱରଂକର ଅନନ୍ତ ଜୀବନର ଅଂଶୀଦାର ହେବାର ଦାନଟି ଅନ୍ୟ କୌଣସି ପ୍ରକାରର ରୀତିରେ ମିଳିପାରି ନ ଥାଏ କେବଳ ଏକମାତ୍ର ଉପାୟ ଦ୍ୱାରା ସମ୍ଭବ ଅଟେ ଯାହା କି ଈଶ୍ୱର ଗ୍ରହଣ କରି ଅଛନ୍ତି, 'ଅର୍ଥାତ ଈଶ୍ୱର ମନୁଷ୍ୟର ଶରୀରକୁ ଧାରଣ କରି ପ୍ରଘଟ ହୋଇଥିଲେ ।' ପରମେଶ୍ୱରଂକ ସେହି ମହାନ ଅନନ୍ତ ଜୀବନର ଯୋଜନାଟିର ଏହା ମଧ୍ୟ ଏକ ଅଂଶ ଥିଲା ଯାହା କି ସେ ଜଗତର ସୃଷ୍ଟି ପୂର୍ବରୁ ପ୍ରସ୍ତୁତ କରିଥିଲେ । ଏହି ଯୋଜନାଟି ତାଂକର ଅନୁଗ୍ରହର ମହିମା ଏବଂ ପ୍ରଶଂସାର



କରିପାରି ନ ଥିଲା ଏବଂ କରିପାରେ ନାହିଁ ମଧ୍ୟ । ସେ ତ ସୃଷ୍ଟି ଶକ୍ତି ରହିତ ଅଟେ । ତେଣୁ ଶୟତାନ କେବଳ ଏତିକି ମାତ୍ର କରିପାରି ଥିଲା ଯେ ଇଚ୍ଛା କରିଥିବା ସଂକଳ୍ପକୁ ସେ ସର୍ପ ମଧ୍ୟରେ, ହଁ ଏଦନ ଉଦ୍ୟାନରେ ପ୍ରବେଶ କରି ଆପଣାର ଇଚ୍ଛାକୁ ସଫଳ କରିଥିଲା, ଯେପରି କି ସେ ଗଦରୀୟମାନଙ୍କ ଅଞ୍ଚଳରେ ମନ୍ଦ ଆତ୍ମାର ମାଧ୍ୟମରେ ସେହି ଘୁଷୁରିମାନଙ୍କ ମଧ୍ୟରେ ପ୍ରବେଶ କରିଥିଲା । ଈଶ୍ୱର ପଶୁଗଣଙ୍କ ମଧ୍ୟରେ ପ୍ରବେଶ କରନ୍ତି ନାହିଁ; ମାତ୍ର ଶୟତାନ କରିପାରେ, ଆଉ ଆପଣାକୁ ଶେଷ କରିବା ନିମନ୍ତେ ସେ ସେପରି କରେ । ଆଉ ଈଶ୍ୱର ଯେପରି ମରିୟମଙ୍କ ମାଧ୍ୟମରେ ସନ୍ତାନଟିଏ ଉତ୍ପନ୍ନ କରିପାରି ଥିଲେ, ସେ (ଶୟତାନ) ହବାଙ୍କ ମାଧ୍ୟମରେ ସେପରି ସିଧାସଳଖ ଭାବେ ସନ୍ତାନଟିଏ ଉତ୍ପନ୍ନ କରିପାରି ନ ଥିଲା, ସେହି ହେତୁରୁ ସେ ସର୍ପ ମଧ୍ୟରେ ପ୍ରବେଶ କରିଥିଲା ଆଉ ହବାଙ୍କୁ ତତ୍ପରେ ପ୍ରତାରିତ କରିଥିଲା । ସେ ତାଙ୍କୁ (her) ବିପଥଗାମୀ (seduce) କରିଥିଲା, ଆଉ ତାଙ୍କରି ମାଧ୍ୟମରେ ଅତି ବିଜୟତାର ସହିତ ଶୟତାନ ସନ୍ତାନଟିଏ ଲାଭ କରିଥିଲା । କୟିନ ଶୟତାନର ସମ୍ପୂର୍ଣ୍ଣ ଚରିତ୍ରଗୁଡ଼ିକୁ ଆତ୍ମିକ ରୂପେ ଲାଭ କରିଥିଲେ, ଆଉ ସର୍ପର ପଶୁବତ୍ (ଶାରୀରିକ, ଏବଂ ବୌଦ୍ଧିକ) ସ୍ୱଭାବଗୁଡ଼ିକୁ ଲାଭ କରିଥିଲେ । କୟିନ ସେହି ପାପାତ୍ମାର ସନ୍ତାନ ଥିଲେ ଏପରି ପବିତ୍ର ଆତ୍ମା ଯେ କହିଥିଲେ ସେଥିରେ ବିସ୍ମୟ ପ୍ରକାଶ କରିବାର କିଛି ନାହିଁ । ଯେହେତୁ ସେ ପ୍ରକୃତରେ ତାହା ହିଁ ଥିଲେ ।

ବର୍ତ୍ତମାନ ମୁଁ ଏପରି ନିଶ୍ଚିତ ପ୍ରମାଣଟିଏ ଦେବାକୁ ଚାହେଁ ଯେ ମନୁଷ୍ୟ ଓ ପଶୁର ମଧ୍ୟରେ ଅତି ନିକଟତର ସମ୍ବନ୍ଧ ରହିଅଛି । ଏହା ଏକ ଶରୀରତତ୍ତ୍ୱ ଅଟେ । କୌଣସି ଏକ ପଶୁର ଭ୍ରୂଣର କୋଷିକା (cell) ଗୁଡ଼ିକୁ ସଂଗ୍ରହ କରି ସେଗୁଡ଼ିକୁ କୌଣସି ମନୁଷ୍ୟ ଶରୀରରେ ସ୍ଥାପନ କଲେ କଣ ହେବ, ଆପଣ ଜାଣନ୍ତି କି? ନିର୍ଦ୍ଦିଷ୍ଟ ଧରଣର କୋଷିକାଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ପୃଥକ ପୃଥକ ବିଭାଜିତ ହୋଇ ଯଥା ସ୍ଥାନରେ ସ୍ୱୟଂରୁ ପହଞ୍ଚି ଯିବ । ଅର୍ଥାତ ବୃକ୍କାଶୟ (Kidney)ର

କୋଷିକାଗୁଡ଼ିକ ମୂତ୍ରାଶୟର ମଧ୍ୟକୁ ଚାଲିଯିବ, ଥାଇରଏଡ (thyroid)ର କୋଷିକାଗୁଡ଼ିକ ଥାଇରଏଡର ମଧ୍ୟକୁ ଚାଲିଯିବ, ଅନ୍ୟାନ୍ୟ ବିଭିନ୍ନ ଧରଣର କୋଷିକାଗୁଡ଼ିକ ମଧ୍ୟ ଆପଣା ଆପଣାର ଉଚିତ ସ୍ଥାନଗୁଡ଼ିକ ମଧ୍ୟକୁ ଚାଲିଯିବ । ମନୁଷ୍ୟ ମଧ୍ୟରେ ଏପରି କୌଣସି ଜ୍ଞାନ ତଥା ବିଚାର ବୁଦ୍ଧି ଅବଶ୍ୟ ରହିଅଛି ଯାହା କି ସେଗୁଡ଼ିକକୁ ମାର୍ଗ ଦର୍ଶନ କରାଇ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନକୁ ପଠାଇ ଦେଇଥାଏ । ପଶୁ ଓ ମନୁଷ୍ୟ ମଧ୍ୟରେ ସମଜାତୀୟତା ଫଳରେ ଏପରି ଘଟିଥାଏ । ଯଦ୍ୟପି ସେଗୁଡ଼ିକ ପରସ୍ପର ସହିତ ମିଳିତ ହୋଇ ପୁନଃ ଉତ୍ପାଦନ (reproduction) କରିପାରି ନ ଥାନ୍ତି, କାରଣ ଯେପରି ବିଫଳ ଚେଷ୍ଟା କରଯାଇ ସାରିଅଛି । ତଥାପି ଏଦନ ଉଦ୍ୟାନ ମଧ୍ୟରେ ସେତେବେଳେ ଦୁଇଜଣଙ୍କର ମଧ୍ୟରେ ମିଶ୍ରଣ ସମ୍ଭବ ହୋଇପାରିଥିଲା ଯାହାର ରସାୟନିକ ସମରୂପତା ଆଜି ମଧ୍ୟ ସ୍ପଷ୍ଟତାର ସହିତ ରହିଅଛି ଆଉ ଏହାର ମଧ୍ୟ ପ୍ରମାଣ ରହିଅଛି ଯେ ଏଦନ ଉଦ୍ୟାନ ମଧ୍ୟରେ ପ୍ରଥମେ ସର୍ପ ସିଧାସଳଖ ଠିଆ ହୋଇ ପାରୁଥିଲା ଏବଂ ମନୁଷ୍ୟର ସହିତ ଅଧିକତର ସମାନତାକୁ ରକ୍ଷା କରୁଥିଲା — ପ୍ରାୟତଃ ମନୁଷ୍ୟର ସମାନ ଥିଲା ଆଉ ସେତେବେଳେ ସର୍ପ (ପଶୁ)ର ଏବଂ ମନୁଷ୍ୟ (ହବା)ର କୋଷିକାଗୁଡ଼ିକର ସହିତ ମିଶ୍ରଣ ହୋଇପାରୁଥିଲା । ଶୟତାନ, ସର୍ପର ମନୁଷ୍ୟ ସମାନ ଭୌତିକ ଶରୀରର ଲାଭ ଉଠାଇ ହବାଙ୍କୁ ପ୍ରତାରିତ କରିଥିଲା । ତତ୍ପରେ ପରମେଶ୍ୱର ଶୟତାନର ସେହି ଶାରୀରିକ ଗଠନଟିକୁ ନଷ୍ଟ କରିଦେଇଥିଲେ, ସେହି ସମୟଠାରୁ କୌଣସି ଅନ୍ୟ ପଶୁ ମନୁଷ୍ୟର ସହିତ ସଂଯୋଗ କରି ସନ୍ତାନ ଉତ୍ପନ୍ନ କରିପାରୁ ନାହିଁ । ମାତ୍ର ସେହି ଦିନଗୁଡ଼ିକରେ ସହଜାତୀୟତା କିମ୍ବା ନିକଟସମ୍ପର୍କ ଅବଶ୍ୟ ରହିଥିଲା ।

ବର୍ତ୍ତମାନ ଏହି ବିଷୟର ଉପରେ କଥାବାର୍ତ୍ତା କରିବା କାରଣରୁ ଆମ୍ଭେମାନେ ସେତେବେଳେ ଅଧିକ ନିଗୂଢ଼ ବିଷୟଟିର ମଧ୍ୟରେ ଯାଇ ଉପସ୍ଥିତ ହୋଇସାରି ଅଛୁଁ, ତେଣୁକରି ମୁଁ ଆପଣମାନଙ୍କର ବିଚାରକୁ, ଯାହା କି ଏହି ବିଷୟଟିର ନିମନ୍ତେ ଜାଗ୍ରତ



ହେଉଅଛି, ତାହାକୁ ସ୍ପଷ୍ଟ କରିବାକୁ ଇଚ୍ଛା କରୁଅଛି ଯେ; ଆପଣମାନେ ସର୍ପର-ବଂଶ (Serpent Seed) ଏହି ସିଦ୍ଧାନ୍ତର ଆବଶ୍ୟକତାକୁ ବୁଝି ପାରନ୍ତୁ ଏବଂ ଅବଗତ ହୋଇ ପାରନ୍ତୁ ଯେ ଆମ୍ଭମାନଙ୍କୁ ଏହି ବିଷୟଟିକୁ ଏପରି ବିସ୍ତୃତ ରୂପେ କାହିଁକି ପ୍ରମାଣିତ କରିବାକୁ ଆବଶ୍ୟକ ପଡ଼ୁଅଛି । ଆମ୍ଭେମାନେ ଏହି ସତ୍ୟ ବାକ୍ୟରୁ ଆରମ୍ଭ କରିଥାଉ ଯେ ସେଠାରେ ଏଦନ ଉଦ୍ୟାନର ମଧ୍ୟ ସ୍ଥଳରେ ଦୁଇଟି ବୃକ୍ଷ ଥିଲା ଯାହା ମଧ୍ୟରେ **ଜୀବନର ବୃକ୍ଷଟି 'ଯୀଶୁ' ଥିଲେ ।** ଦ୍ୱିତୀୟ ବୃକ୍ଷଟି ବାସ୍ତବରେ ଶୟତାନ ହିଁ ଥିଲା ଯେହେତୁ ତାହାର ଫଳ ଦ୍ୱାରା ଏହା ପ୍ରକଟ ହୋଇଅଛି । ତେବେ ଏହି କଥାଟି ମଧ୍ୟ ବିଶ୍ୱାସ ଯୋଗ୍ୟ ଅଟେ ଯେ ଏହି ଦୁଇଟିଯାକ ବୃକ୍ଷ ସହିତ ମନୁଷ୍ୟର କିଛି ନା କିଛି ସମ୍ପର୍କ ଅବଶ୍ୟ ରହିଥିଲା, ଅନ୍ୟଥା ସେମାନଙ୍କୁ ସେଠାରେ କଦାପି ଲଗାଯାଇ ନ ଥାନ୍ତା । ପରମେଶ୍ୱରଙ୍କର ଆପଣା ସେହି ମହାନ ଓ ଅତି ବୃହତ୍ତମ ଯୋଜନା ତଥା ଉଦ୍ଦେଶ୍ୟରେ ଏମାନଙ୍କର ସମ୍ବନ୍ଧ ରହିଥିଲା, ତାହା ତାଙ୍କର ସ୍ମରଣରେ ରହିଅଛି । ଏମାନଙ୍କର ଭୂମିକା ମନୁଷ୍ୟ ଏବଂ ପରମେଶ୍ୱରଙ୍କ ନିମନ୍ତେ ଅବଶ୍ୟ କିଛି ନା କିଛି ପ୍ରକାରେ ନିଶ୍ଚିତ ରୂପେ ରହିଥିବ, କାରଣ ଆମ୍ଭେମାନେ ଯେପରି ଯଦି ସ୍ୱୀକାର ନ କରୁ ତେବେ ପରମେଶ୍ୱର ଯେ ସର୍ବଜ୍ଞ ଅଟନ୍ତି ତଥା ସବୁକିଛି ଘଟଣାର ବିଷୟକୁ ସେ ଯେ ପୂର୍ବରୁ ଜାଣନ୍ତି ତାଙ୍କର ସେହି ସାମର୍ଥ୍ୟକୁ ଅସ୍ୱୀକାର କରିବାକୁ ହେବ । ଏହି ବିଷୟଟି ବର୍ତ୍ତମାନର ଅବସ୍ଥା ପର୍ଯ୍ୟନ୍ତ ଠିକ୍ ଅଟେ ନା — ଠିକ୍ ନୁହେଁ ? ବର୍ତ୍ତମାନ ବାକ୍ୟ ଅତି ପରିଷ୍କାର ଭାବରେ ଏବଂ ନିଶ୍ଚିତ ରୂପେ ବର୍ଣ୍ଣନା କରିଥାଏ ଯେ ଜଗତର ସୃଷ୍ଟି ପୂର୍ବେ ପରମେଶ୍ୱରଙ୍କ ଇଚ୍ଛା ଏହା ହିଁ ଥିଲା — ତାଙ୍କର ଅନନ୍ତ ଜୀବନଟି ମନୁଷ୍ୟକୁ ମିଳୁ । ଏଫିସୀୟ ୧ : ୪ - ୧୧ ପଦଗୁଡ଼ିକରେ ଯେପରି ଲିଖିତ ହୋଇଅଛି, "ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉଁ, ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ; ପୁଣି